# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

- ପ୍ରଭୁ ଜଗନ୍ନାଥ ଓ ରାଜନୀତି
- ଘୁଞ୍ଚିବ ପଞ୍ଚାୟତ ନିର୍ବାଚନ
- ଟାହିଆ ପାଇଁ ଟକରାଟକରି
- କଟକ ବିଜେପିରେ 'ବାହାରିଆ'
- ସୁଜାତାଙ୍କ ଦରବାର
- ଅମରେଶ ଜେନାଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-35 20 JULY - 26 JULY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୩୫ ୨୦ ଜୁଲାଇ - ୨୬ ଜୁଲାଇ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର






# ପ୍ରଭୁ ଜଗନ୍ନାଥ ଓ ରାଜନୀତି

ପ୍ରଭୁ ଜଗନ୍ନାଥଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଯାଏ। ରାଜନୀତିରେ ପ୍ରଭୁଙ୍କୁ ଆମ ନେତାଏ ଗୋଟି କରିବାକୁ ବି ପଛାନ୍ତିନାହିଁ। ପୂର୍ବ ସଂସ୍କରଣରେ ଆମେ ଏନେଇ ସମ୍ୟକ ଆଲୋଚନା କରିଥିଲୁ। ମୋହନ ସରକାରଙ୍କ ଦୁଇ ବର୍ଷରେ କିଛି ନା କିଛି ଅଘଟଣ ରଥଯାତ୍ରା ବେଳେ ଆମେ ଦେଖିଛୁ। ଚାରମାଳରେ ମହାପ୍ରଭୁ ବଳଭଦ୍ର ଖସିପଡ଼ିବା ଘଟଣା ହେଉ ଅବା ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ଘଟଣା ହେଉ, ସରକାର ଅକଳରେ ପଡ଼ିଥିଲେ ଓ ବିରୋଧୀ କଡ଼ା ସମାଲୋଚନା କରିଥିଲେ। ଏବେବି ବିରୋଧୀ ସେହି ପ୍ରସଙ୍ଗ ଉଠାଇ ମୋହନ ସରକାରଙ୍କୁ ଘେରୁଛନ୍ତି। ଚଳିତ ବର୍ଷ ରଥଯାତ୍ରାରେ ବି ଗୋଟିଏ ବ୍ୟତିକ୍ରମ ଓ ଗୋଟିଏ ଅଘଟଣ ଘଟିଛି। ଶ୍ରୀମନ୍ଦିର ବାହାରକୁ ମହାପ୍ରଭୁ ଆସିବା ବେଳେ ତାଙ୍କ ମସ୍ତକରେ ଟାହିଆ ନଥିଲା। ଏହାକୁ ନେଇ ବି ରାଜ୍ୟ ରାଜନୀତି ଜୋର୍ ଧରିଛି। ହେବା ବି ସ୍ୱାଭାବିକ। ସେବାୟତ ଓ ପ୍ରଶାସନ ଯେତେ ଯାହା ସଫେଇ ଦେଲେବି ଭକ୍ତଙ୍କ ଭାବାବେଗକୁ ବାଧିଛି। ସେହିପରି ଠେଲାପେଲା ଯୋଗୁଁ ଅଣନିଃଶ୍ୱାସୀ ହୋଇ ଭକ୍ତଙ୍କର ଜୀବନ ବି ଯାଇଛି। ଏଥିପାଇଁ ପ୍ରଶାସନ ଓ ସରକାର ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚାହୁଁଛନ୍ତି। ସତେଯେମିତି କାହାର କିଛି ଉତ୍ତରଦାୟିତ୍ୱ ନାହିଁ। ସୁରକ୍ଷା ପାଇଁ ହଜାର ହଜାର ପୁଲିସ୍ ସେଠାରେ ପଇଁତରା ମାରୁଛନ୍ତି। କିନ୍ତୁ ଭିଭିଆଇପି ପ୍ରୋଟୋକଲରେ ଟିକିଏ ବି ସମସ୍ୟା ଦେଖିବାକୁ ମିଳୁନି। କାହିଁକିନା ଆମ ପୁଲିସ ବାବୁମାନେ ଚାକିରୀ ଚାଲିଯିବା ଅବା କାର୍ଯ୍ୟାନୁଷ୍ଠାନ ଭୟରେ ସେହି କାମ ପ୍ରତି ଯେତିକି ନିଘା ରଖୁଛନ୍ତି ଭକ୍ତଙ୍କ ସୁରକ୍ଷା ଉପରେ ସେତିକି ନଜର ରଖୁନାହାନ୍ତି। ନିଜ ସମ୍ପର୍କୀୟ ଅବା ବଡ଼ ନେତା ଓ ବାବୁଙ୍କ ସମ୍ପର୍କୀୟଙ୍କୁ



ବିନା ପାସ୍‌ରେ କର୍ଡ଼ନ ଭିତରକୁ ନେବାର ନଜିର ବି ରହିଛି। ଭିଡ଼ ନିୟନ୍ତ୍ରଣ ପାଇଁ ଯଦି ଏତେ ବ୍ୟବସ୍ଥା ହେଉଛି, ଏତେ ସିସିଟିଭି, ଡ୍ରୋନ ଓ ପ୍ରଯୁକ୍ତିର ସହାୟତା ନିଆଯାଉଛି ତାହେଲେ ଅସୁବିଧା କେଉଁଠି ରହୁଛି। ଏହା ଉପରେ ସତର୍କ ଦୃଷ୍ଟି ରଖାଯାଉଛି ତ, ନା ବଡ଼ ନେତା ଓ ବଡ଼ବାବୁ ଖୁସ୍ ହୋଇଗଲେ ପାଇଟି ସରିଯିବ ବୋଲି ପୁଲିସ୍ ଭାବୁଛି। ଆଜ୍ଞା, ଓଡ଼ିଶାର ନେତା ହେଉଛନ୍ତି ସ୍ୱୟଂ ନାରାୟଣ। ପ୍ରଭୁ ଜଗନ୍ନାଥଙ୍କ ଦରବାରରେ ସମସ୍ତେ ସମାନ। ପାସ୍ ପାଇ ଦୀର୍ଘ ସମୟ ଧରି ରଥ ଟାଣିଦେଲେଯେ, ପୂଣ୍ୟ ହୋଇଯିବ ତାହା ନୁହେଁ, ବରଂ ଭିଡ଼ ଭିତରେ ପଶି ରଥ ଦଉଡ଼ି ଛୁଇଁଲେବି କାଳିଆ ପ୍ରସନ୍ନ ହେବ। ଯଦି ଭିଭିଆଇପି ଗାଡ଼ି ପାସ୍ ଆଉ କର୍ଡ଼ନ ପାସ୍ ଉଠାଇ ଦିଆଯାଆନ୍ତା ତାହେଲେ ବୋଧେ 'କାଳିଆ ପାଖରେ ନାହିଁଲୋ ଜାତି ଅଜାତି...'ର ମହତ୍ତ୍ୱ ରହନ୍ତା। ଏବେ ସିନା ଜାତି ପ୍ରଥା ଆଗଭଳି ସାମାଜିକ ସମସ୍ୟା ହୋଇରହିନି, କିନ୍ତୁ ସାଧାରଣ ଓ ଅସାଧାରଣ ଜାତି ପ୍ରଥା ଉକ୍ରଟ ହେବାରେ ଲାଗିଛି। ଏକଥା ସ୍ୱୀକାର କରିବାକୁ ପଡ଼ିବ।

ODIA WEEKLY GARVIT ODIA

## ଆମ ସହ ଯୋଡ଼ି ହୁଅନ୍ତୁ

- ଅଳ୍ପ କେଇ ମାସ ଭିତରେ ରାଜ୍ୟର ଚର୍ଚ୍ଚିତ ଓ ଲୋକପ୍ରିୟ ସାପ୍ତାହିକ ହୋଇପାରିଛି 'ଗର୍ବିତ ଓଡ଼ିଆ'। ଏଥିପାଇଁ ପାଠକ, ଶୁଭେଚ୍ଛୁଙ୍କୁ ପ୍ରଣାମ।
- ଫେସୁବକ୍ ମାଧ୍ୟମରେ ଆମର ପ୍ରତ୍ୟେକ ଇସ୍ୟୁ ଲକ୍ଷ ଲକ୍ଷ ପାଠକଙ୍କ ନିକଟରେ ପହଁଚିପାରୁଛି। ଆମେ ଚାହୁଁଛୁ ୩୧୪ ବ୍ଲକର ରାଜନୀତିକୁ 'ଗର୍ବିତ ଓଡ଼ିଆ'ର ନଖଦର୍ପଣରେ ସମସ୍ତଙ୍କୁ ଦେଖାଇବା ପାଇଁ। ଏଥିପାଇଁ ସ୍ଥାନୀୟ ରିପୋର୍ଟରଙ୍କର ସହଯୋଗର ଆବଶ୍ୟକତା ରହିଛି।
- ଆଗକୁ ଆମେ ଗୁରୁତ୍ୱପୂର୍ଣ୍ଣ ଜନସମସ୍ୟା ସଂକ୍ରାନ୍ତରେ ବି ଆଲୋକପାତ କରିବୁ। ସରକାରଙ୍କୁ ଲୋକଙ୍କ ସମସ୍ୟା ଶୁଣି ସମାଧାନ କରିବାକୁ ବାଧ୍ୟ କରିବୁ।



ଆସନ୍ତୁ ବ୍ଲକ ଓ ଜିଲ୍ଲାସ୍ତରରେ ଆମ ସହ ଯୋଡ଼ିହୁଅନ୍ତୁ। ରିପୋର୍ଟର ହେବା ପାଇଁ ସମସ୍ତେ ଖବରକାଗଜ ନେବାର ଆବଶ୍ୟକତା ନାହିଁ। କିନ୍ତୁ ମାସକୁ ଥରେ ହେଉନା କାହିଁକି, ସେହି ଅଞ୍ଚଳର ରିପୋର୍ଟ ଦେବାକୁ ପଡ଼ିବ। ଆଜିକାଲି ଇ-ପେପର ଓ ପିଡ଼ିଏଫର ଯୁଗ। ତେଣୁ ତାହା ବି ପ୍ରସାରିତ ହେଲେ ଯଥେଷ୍ଟ। ହେଲେ ଆଜ୍ଞା, ଦଲାଲ ଓ ଟାଉଟରଙ୍କ ଠାରୁ ଆମେ ଦୂରରେ ରହିବୁ। ଯଦି ଆମ ସର୍ତ୍ତ ଆପଣଙ୍କୁ ପସନ୍ଦ ତେବେ ଯୋଗାଯୋଗ କରନ୍ତୁ।

**୯୦୪୦୯୮୯୦୮ରେ**
ଆପଣଙ୍କ ବାୟୋଡ଼ାଟା ପଠାନ୍ତୁ।




## ବାବା ଅବ୍ଜର୍ଭାନନ୍ଦ

ହୋ ଭକତେ ହୋ...
ଜଗା କରୁଛି ବାଇଆ,
ଜଗା କରୁଛି ବାଇଆ,
ଭକ୍ତ ରାଗିଗଲେ ପହଣ୍ଡି ବେଳରେ
ନଦେଖି ଜଗା ଟାହିଆ ।

ହୋ ଭକତେ ହୋ...
ମନ୍ତ୍ରୀ କରନ୍ତି ପବନ,
ମନ୍ତ୍ରୀ କରନ୍ତି ପବନ,
ଦଳା ଚକଟା ଯେ ହୁଏ ବଡ଼ଦାଣ୍ଡେ
ଭକ୍ତଙ୍କ ଯାଏ ଜୀବନ ।

ହୋ ଭକତେ ହୋ...
ଯାତ୍ରାରେ ନେତାଙ୍କ ଭିଡ଼,
ଯାତ୍ରାରେ ନେତାଙ୍କ ଭିଡ଼,
ଭିଆଇପି ହୋଇ ବୁଲନ୍ତି ସେମାନେ
ଲୋକଙ୍କୁ ପୋଲିସ ମାଡ଼ ।

ହୋ ଭକତେ ହୋ...
ବିରୋଧୀ ଲଗାନ୍ତି କଳି,
ବିରୋଧି ଲଗାନ୍ତି କଳି,
ଜଗାକୁ ପୁରାନ୍ତି ରାଜନୀତିରେ ସେ
ସରକାର ଖାଏ ଗାଳି ।

ହୋ ଭକତେ ହୋ...
ବଡ଼ ଦାଣ୍ଡ ଭାରି ଭିଡ଼,
ବଡ଼ଦାଣ୍ଡ ଭାରି ଭିଡ଼,
ହିସାବ କରୁଛି କାଳିଆ ଠାକୁର
ଜାଗା ଦେଖି ଦେବ ମାଡ଼ ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।

# ଘୁଞ୍ଚିବ ପଞ୍ଚାୟତ ନିର୍ବାଚନ


ଯାହା ଆଶଙ୍କା କରାଯାଉଥିଲା ସେଇଆ ହିଁ ହେଲା । ଏଥର ପଞ୍ଚାୟତ ନିର୍ବାଚନ ବିଳମ୍ବରେ ହେବ। ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନ ତିନି ମାସ ବିଳମ୍ବିତ ହେବ ବୋଲି ସଂକେତ ଦେଇଛନ୍ତି । ଏମିତିକି ତାହା ଆଉ ଛଅ ମାସ ବଢ଼ିଗଲେ ବି ଆଶ୍ଚର୍ଯ୍ୟ ହେବାର ନାହିଁ। ଏସଆଇଆର ଓ ଜନଗଣନାକୁ ଆଳ କରିଥିଲେବି ଚାହିଁଥିଲେଯେ, ହୋଇପାରିବନି ସେକଥା ନୁହେଁ । କାହିଁକିନା ଏସଆଇଆର ସେପ୍ଟେମ୍ବର ବେଳକୁ ସରିଯିବାର ଥିବାବେଳେ ଜନଗଣନା ଆରମ୍ଭ ପୂର୍ବରୁ ବି ନିର୍ବାଚନ ଶେଷ ହେବାରେ କିଛି ବାଧକତା ନାହିଁ। କିନ୍ତୁ ନିର୍ବାଚନକୁ ବିଳମ୍ବିତ କରିବା ପଛରେ ଗୋଟିଏ ରାଜନୈତିକ ରଣନୀତି ରହିଛି। ଯାହା ଉପରେ ଆମର ଉପସ୍ଥାପନା ।

ଚିତ୍ତରଞ୍ଜନ ମହାନ୍ତି, କଟକ

## ମୋହନଙ୍କ ସରକାରଙ୍କ ପାଇଁ ଆହ୍ୱାନ



ବିଜେପିର ଥ୍ରୀ-ଏମ୍ଏମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ସମ୍ପାଦକ ମାନସ ମହାନ୍ତିଙ୍କ ନେତୃତ୍ୱରେ ନୂଆପଡ଼ା ଉପନିର୍ବାଚନରେ ଦଳ ବିପୁଳ ବିଜୟ ହାସଲ କଲା । ଯାହାକି ବିଜେଡ଼ି ଶିବରରେ ବି କମ୍ପନ ସୃଷ୍ଟି କରିଥିଲା । ସେହିପରି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କ ଗୋଟିଚାଳନାରେ ବିଜେଡ଼ି-କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେପି ସମର୍ଥିତ ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟ ହରାଇଦେଲେ । ବିରୋଧୀ ଦଳର ବିଧାୟକମାନେ କ୍ରସଭୋଟିଂ କଲେ । ଏହାକୁ ନେଇ ବିଜେପି ଉଲ୍ଲସିତ ହେବା ସ୍ୱାଭାବିକ । ହେଲେ ପଞ୍ଚାୟତ ଓ ପୌର ନିର୍ବାଚନ ଅସଲରେ ଦଳ ପାଇଁ ସେମିଫାଇନାଲ୍ । ମନମୋହନ-ମୋହନ-ମାନସଙ୍କ ପାଇଁ ଏହା ହେଉଛି ଶକ୍ତି ପରୀକ୍ଷାର ଅବସର । ଦଳର ସଂଗଠନ ଓ ସରକାରଙ୍କ ଲୋକପ୍ରିୟତାର ପ୍ରମାଣ ହିଁ ପଞ୍ଚାୟତ ନିର୍ବାଚନ ଦେବ । ପଞ୍ଚାୟତ ଫଳାଫଳ ଉପରେ ମୋହନ-ମନମୋହନଙ୍କ ପତିଆରା ଓ ଚେୟାର ନିର୍ଭର କରିବ। ତେଣୁ ଦେଖିଚାହିଁ ସରକାର ଗୋଟିଚାଳନା କରୁଛନ୍ତି । ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବାପରେ ହିଁ ନିର୍ବାଚନର ବିଗୁଲ୍ ବାଜିବ। କାହିଁକିନା ଟିକିଏ ଓଲମ ବିଲମ ହେଲେ ପତ୍ତା କଟିଯିବାର ଯଥେଷ୍ଟ ଆଶଙ୍କା ରହିଛି ।




## ପଞ୍ଚାୟତ ନିର୍ବାଚନ: ଦଳ ଅପେକ୍ଷା ବ୍ୟକ୍ତିତ୍ୱ ଭାରି

ପଞ୍ଚାୟତ ନିର୍ବାଚନରେ ଜିତିବା ପାଇଁ ଦଳୀୟ ସଂଗଠନ, ପ୍ରାର୍ଥୀର ବ୍ୟକ୍ତିତ୍ୱ, ଠନଠନ ଗୋପାଳ ଓ

ଗର୍ବିତ ଓଡ଼ିଆ

ସମୀକରଣ ବଡ଼ ଭୂମିକା ଗ୍ରହଣ କରିଥାଏ। ଦଳ ଯାହାକୁ ପ୍ରାର୍ଥୀ କରିଦେଲେ ନିଶ୍ଚିତ ଜିତିବ ବୋଲି ମାନେ ନାହିଁ। ସେ ପ୍ରାର୍ଥୀର ବ୍ୟକ୍ତିତ୍ୱ, ଭୋଟଟଣା ଗୁଣ ଓ ନିର୍ବାଚନରେ ଖର୍ଚ୍ଚ ପାଇଁ ଠନଠନ ଗୋପାଳର ବି ବଡ଼ ଭୂମିକା ରହିଛି। ଏତଦବ୍ୟତୀତ ନିର୍ଦ୍ଦିଷ୍ଟ ଦଳରେ ଫାଟ ଥିବାରୁ ଅନ୍ୟ ଦଳର ଭୋଟ୍ ହାତେଇବାର କଳା ବି ଦରକାର।

## ଦଳୀୟ ସଂଗଠନ

ବିଜେପି ସରକାରକୁ ଆସିଥିଲେବି ପଞ୍ଚାୟତରେ ସଂଗଠନ ଦୃଷ୍ଟିରୁ ବିଜେଡ଼ି ଏବେବି ଆଗରେ ରହିଛି। ଅନେକ ଦିନ ନୀରବ ରହିବା ପରେ ଏବେ ବିଜେପି ସଂଗଠନକୁ ତ୍ୱରାନ୍ୱିତ କରିବାରେ ଲାଗିଛି। ଅପରପକ୍ଷରେ ବିଜେଡ଼ି ବି ପଛରେ ପଡ଼ିନାହିଁ। ୨୦୨୭ ପଞ୍ଚାୟତ ନିର୍ବାଚନରେ ଶକ୍ତି ପ୍ରଦର୍ଶନ ପାଇଁ ଦଳ ଲାଗିପଡ଼ିଛି। ପୂର୍ବାପେକ୍ଷା ବିଜେଡ଼ି ଆକ୍ରମଣାତ୍ମକ ରଣନୀତି କରି ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନ୍ୟାରେଟିଭ୍ ଆରମ୍ଭ କରିଦେଇଛି। ଲୋକଙ୍କୁ ଛୁଇଁବା ଭଳି ଅନେକ ପ୍ରସଙ୍ଗରେ ଗଡ଼ବଡ଼ି ହୋଇଥିବାରୁ ତାହା ଭୋଟକୁ ବି ପ୍ରଭାବିତ କରିପାରେ। ସେହିପରି ବିଜେପି ଇତିମଧ୍ୟରେ ବିଜେଡ଼ିର ପଞ୍ଚାୟତସ୍ତରୀୟ ନେତାଙ୍କୁ ପୋଚିଂ ଉପରେ ଫୋକସ୍ କରୁଛି। ଅନେକ ପଞ୍ଚାୟତସ୍ତରୀୟ ନେତା କାମ ଦାମ, ବିଲ୍ ଲୋଭରେ ବିଜେପିକୁ ଆସି ସାରିଛନ୍ତି। କିନ୍ତୁ ପଞ୍ଚାୟତର ପାୱାର ସରିଯିବା ପରେ ଆଉ ତାହାର ଆବଶ୍ୟକତା ପଡ଼ିନପାରେ। ସେହିପରି ବିଜେଡ଼ି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ବିଜେପିକୁ ଆସିଥିଲେବି ସେମାନଙ୍କ ସଂଖ୍ୟାଧିକ ସମର୍ଥକ ଏବେବି ବିଜେଡ଼ିରେ ରହିଛନ୍ତି। ଗାଏମୋଟ୍ ଦେଖିଲେ ପଞ୍ଚାୟତ ରାଜନୀତି ଗୋଳମାଳିଆ ହୋଇଯାଇଥିବାରୁ ବାସ୍ତବ ଆକଳନ କରିବା ସମ୍ଭବପର ହୋଇପାରୁନାହିଁ।

## ଠନଠନ ଗୋପାଳ

ପଞ୍ଚାୟତସ୍ତରରେ ଏବେବି ବିଜେପି ନେତାମାନେ ପଛରେ ରହିଛନ୍ତି। ତାହାର କାରଣ ହେଉଛି, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାପରିଷଦ ବିଜେଡ଼ି କବଜାରେ ରହିଛି। କାମଦାମ ସବୁ ଏବେ ବିଜେଡ଼ି ନେତା ଓ କର୍ମୀ କରୁଛନ୍ତି। ସେହିପରି ପଞ୍ଚାୟତର ପ୍ରଭାବଶାଳୀ ନେତାମାନେ ଦୀର୍ଘ ସମୟ ଧରି ବିଜେଡ଼ିରେ ରହି ଆସିଛନ୍ତି। ଫଳରେ ଗାଁର ଲୋକମାନେ ଭତ୍ତା, ରାସନ୍ କାର୍ଡ଼, ଆବାସ ଆଦି ସବୁ ବିଜେଡ଼ି ନେତାଙ୍କ ଜରିଆରେ ପାଇଛନ୍ତି। ଗାଁ ଗହଳିରେ ଭୋଟ୍ ପାଇଁ ଏହାବି ଏକ ବଡ଼ କାରଣ। ଅପରପକ୍ଷରେ ବିଜେପି ସରକାର ଦୁଇବର୍ଷ ହେଲା ଆସିଥିଲେବି ବ୍ୟବସ୍ଥା ଏମିତି ହୋଇଛିଯେ, ଲୋକଙ୍କୁ ବିଭିନ୍ନ ଯୋଜନାର ସୁଫଳ ଦେବା ପାଇଁ କାର୍ଯ୍ୟକର୍ତ୍ତା ବା ନେତାଙ୍କର ଆବଶ୍ୟକତା ଅନୁଭବ ହେଉନି। ଅନଲାଇନ୍‌ରେ ଅଧିକାଂଶ ଯୋଜନାର ସୁଫଳ ମିଳୁଛି। ଅବଶ୍ୟ କେତେକ ସ୍ଥାନରେ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ସ୍ମାର୍ଟ ଭାବେ କାମ କରି ବ୍ଲକ ଅଫିସ ଜରିଆରେ ନିଜ ଲୋକଙ୍କ ନାମ ସାମାଜିକ ମଙ୍ଗଳ ଯୋଜନାରେ ଭର୍ତ୍ତି କରିପାରୁଛନ୍ତି। କିନ୍ତୁ ବିଜେଡ଼ି ନେତାଙ୍କ ତୁଳନାରେ ତାହା କମ୍ ରହିଛି। ବ୍ଲକର ବଡ଼ବାବୁଙ୍କ ଠାରୁ ନେଇ ପିଅନଙ୍କ ପର୍ଯ୍ୟନ୍ତ ସମସ୍ତେ ବିଜେଡ଼ି ନେତାଙ୍କୁ ଚିହ୍ନିଥିବାରୁ ତାଙ୍କ କାମ ଆଗ ହେଉଥିବା ଲକ୍ଷ୍ୟ କରାଯାଉଛି। ଗୋଟିଏ ପଟେ ଯୋଜନାର ସୁଫଳ ଓ ଅପରପକ୍ଷରେ ବିକାଶମୂଳକ କାମରେ ବିଜେପି ନେତାଙ୍କ ଭାଗିଦାରୀ ବିଜେଡ଼ି ତୁଳନାରେ କମ୍ ରହିଛି। ବିଜେଡ଼ି ନେତାମାନେ କାମଦାମରୁ ଅଧିକ ଟଙ୍କା ରୋଜଗାର କରୁଥିବାରୁ ନିର୍ବାଚନ ପାଇଁ ଆବଶ୍ୟକ ମୁତାବକ ଟଙ୍କା ରଖିଛନ୍ତି। କିନ୍ତୁ ବିଜେପି ନେତାଙ୍କ ପାଖରେ ସେମାନଙ୍କ ଠାରୁ କମ୍ ଟଙ୍କା ରହିଛି। ପଞ୍ଚାୟତ ନିର୍ବାଚନ ଘୁଞ୍ଚିଲେ, ସେମାନଙ୍କ ପାଖରେ ଟଙ୍କା ଉପାର୍ଜନର ବାଟ ଖୋଲିଯିବ। କାହିଁକିନା ୨୦୨୭ ମାର୍ଚ୍ଚ ବେଳକୁ ସରପଞ୍ଚ, ବ୍ଲକ ଅଧ୍ୟକ୍ଷଙ୍କ ପାୱାର ରହିବନି। ସେହି ସମୟରେ ପଞ୍ଚାୟତ ଅଫିସର ହୁଅନ୍ତୁ ଅବା ବ୍ଲକ ଅଫିସର ସେମାନେ ହିଁ ସବୁ ବୁଝାଶୁଝା କରିବେ। ଅତଏବ କ୍ଷମତାବି ବିଜେପି ନେତାଙ୍କ ହାତରେ ରହିବ। ବିକାଶମୂଳକ କାମ ସେମାନଙ୍କ ଜରିଆରେ ହିଁ ହେବ। ଫଳରେ ହାତ ଚିକ୍କଣ ହେବା ଥୟ।

## ୨୦୨୭-୨୮ ବଜେଟ୍

ପଞ୍ଚାୟତ ନିର୍ବାଚନ ପାଇଁ ଚଳିତ ୨୦୨୬-୨୭ ବଜେଟ୍‌ରେ ସେମିତି କିଛି ବ୍ୟବସ୍ଥା ନଥିଲା। ଆଗାମୀ ବର୍ଷ ମୋହନ ସରକାର ପୁଣି ବଜେଟ୍ ଉପସ୍ଥାପନ କରିବେ। ଯାହାକି ଅପ୍ରେଲ ପହିଲାରୁ କାର୍ଯ୍ୟକାରୀ ହେବ। ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖିଆଗରେ ରଖି ଯୋଜନା ବି ଘୋଷଣା ହେବ। ସେହି ସମୟରେ ସ୍ଥାନୀୟ ପଞ୍ଚାୟତସ୍ତରୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ପରାମର୍ଶକ୍ରମେ ଲୋକମାନେ ବିଭିନ୍ନ ଯୋଜନାର ସୁଫଳ ପାଇବେ। ବିକାଶମୂଳକ କାମ ବି ବିଜେପି ନେତାଙ୍କ ଜରିଆରେ ହେବ। ତେଣୁ ନିର୍ବାଚନ ଯେତେ ଘୁଞ୍ଚିବ ବିଜେପି ପାଇଁ ସେତିକି ଲାଭଦାୟକ ହେବ। କାର୍ଯ୍ୟକର୍ତ୍ତାମାନେ ସଂଗଠନ କରିବାକୁ ଉଭୟ ଧନ ଓ ସମୟ ପାଇପାରିବେ। ସେହି ସମୟରେ କେନ୍ଦ୍ର ସରକାର ବି ଆଉ ଏକ ବଜେଟ୍ ଉପସ୍ଥାପନ କରିବେ।

# ୨୦୨୭ରେ କ'ଣ ହେବ ?

## ବିଜେପି

ମୋହନ ସରକାର ଅନେକ ଭଲ ଯୋଜନା କରିଥିଲେବି ସଠିକ୍ କାର୍ଯ୍ୟାନ୍ୱୟନ ଅଭାବରୁ ସେତିକି କ୍ରେଜ୍ ନେବାରେ ବିଫଳ ହୋଇଛନ୍ତି। ସେହିପରି ନିଗମ ବା ବୋର୍ଡ଼ରେ ନିଯୁକ୍ତି ହେଉ ଅବା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ଦଳ ବିଫଳ ହୋଇଛି। ମୋହନ ମାଝୀ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ହୋଇଥିବାରୁ କେନ୍ଦ୍ରୀୟ ବିଜେପି ତାଙ୍କୁ ସାଂଗଠନିକ ନିଷ୍ପତ୍ତି ପାଇଁ କ୍ଷମତା ଦେଇନାହାନ୍ତି। ଗାଏମୋଟ୍ କହିଲେ ସଂଗଠନ ଓ ସରକାର ମଧ୍ୟରେ ସମନ୍ୱୟ ରହୁନାହିଁ। ତେବେ ପୂର୍ବରୁ ପଞ୍ଚାୟତ ନିର୍ବାଚନ ପାଇଁ ଦଳ ପାଖରେ ଅଧିକ ଟଙ୍କା ନଥିଲା। କିନ୍ତୁ ଏବେ ଚାନ୍ଦା ପରିମାଣ ବଢ଼ିଥିବାରୁ ଦଳ ନିଜର ପ୍ରାର୍ଥୀମାନଙ୍କୁ ମୋଟା ଅଙ୍କର ପାଣ୍ଠି ଦେଇପାରିବ। ପଞ୍ଚାୟତ ନିର୍ବାଚନ ପାଇଁ ଦଳ ଏବେ ସାଂଗଠନିକ କାର୍ଯ୍ୟକ୍ରମ ଜୋରଦାର କରିଥିବାବେଳେ ସରକାର ବି ନୂଆ ଯୋଜନା କରିବେ। ଦଳର ୮୧ ବିଧାୟକ ନିଜ ନିଜସ୍ତରରେ ଜୋରଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏସବୁ ଦୃଷ୍ଟିରୁ ଦଳ ଭଲ ପ୍ରଦର୍ଶନ କରିବା ପାଇଁ ଆଶା ରଖିବା ସ୍ୱାଭାବିକ। ସେହିପରି କେତେକ ନିର୍ବାଚନମଣ୍ଡଳୀରେ ଗୋଷ୍ଠୀକନ୍ଦଳ ଜୋର୍ ଧରିଥିଲେବି ଜିଲ୍ଲା ପରିଷଦ ଭୋଟ୍ ଫୁଲକୁ ହିଁ ଯିବ। ଜିଲ୍ଲା ପରିଷଦରେ ଦଳ ଯେତିକି ସଫଳତା ପାଇବ, ପଞ୍ଚାୟତ ଓ ସମିତିସଭ୍ୟରେ ସେତିକି ସଫଳତା ହାସଲ କରିବା ମୁସ୍କିଲ୍ ବୋଲି କୁହାଯାଉଛି। ଏମିତିକି ଅତୀତରେ ସରକାର ପଞ୍ଚାୟତ ଉପନିର୍ବାଚନ ବାତିଲ୍ କରି ଦୁର୍ବଳତାର ସଂକେତ ଦେଇସାରିଛନ୍ତି। ତେବେ ପଞ୍ଚାୟତ ନିର୍ବାଚନ ପାଇଁ ଆହୁରି ବର୍ଷେ ସମୟ ଥିବାରୁ ଯଦି ବିଜେପି ଠିକ୍ ରଣନୀତି କରେ ତେବେ ମୋହନ ସରକାର ଓ ରାଜ୍ୟ ବିଜେପିର ଟେକ ରହିପାରିବ।

## ବିଜେଡ଼ି

୨୦୨୪ ନିର୍ବାଚନ ପରେ ବିଜେଡ଼ି ହାରିଯିବା ପରେ ବର୍ଷେ କାଳ ନୀରବ ବସିଥିଲା। ତା'ପରେ ଗତ ଛଅ ମାସ ହେଲା ଦଳ ସଂଗଠନକୁ ସଜାଡ଼ିବା ଆରମ୍ଭ କରିଛି। ସୁଜାତା ରାଉତ ଶଙ୍ଖ ଫୁଙ୍କିବା ପରେ ବିଜେଡ଼ି ଶିବିର ଚଳଚଞ୍ଚଳ ହୋଇଯାଇଛି। ସୋସିଆଲ ମିଡ଼ିଆରେ ବିଜେଡ଼ି ଭଲ ନ୍ୟାରେଟିଭ୍ କରିପାରିଛି। ସରକାରଙ୍କ ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଛି। ସଂଗଠନରେ ଥିବା ଶୀତଳଯୁଦ୍ଧ ଓ ଅନ୍ତର୍ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ହରଦମ୍ ପ୍ରୟାସ କରାଯାଉଥିବାବେଳେ ନିଜେ ନବୀନ ନେତାମାନଙ୍କୁ ଭେଟି ଆଲୋଚନା କରୁଛନ୍ତି। ଗତ ୨୦୨୪ ନିର୍ବାଚନରେ ଦଳ ମନମାନି ପାଇଁ ହାରିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ଦଳ ନିଜକୁ ସଜାଡ଼ି ଯେଭଳି ୨୦୧୯ରେ ଭଲ ପ୍ରଦର୍ଶନ କରିଥିଲା, ଠିକ୍ ସେମିତି ୨୦୨୪ ବିପର୍ଯ୍ୟୟରୁ ଶିଖି ଦଳ ଆଗକୁ ବଢ଼ିବାକୁ ରଣନୀତି କରୁଛି। ଏବେବି ତୃଣମୂଳସ୍ତରରେ ବିଜେଡ଼ିର ସଂଗଠନ ରହିଛି। ଯଦିଓ ୨୦୨୨ ପଞ୍ଚାୟତ ନିର୍ବାଚନ ଭଳି ବିଜେଡ଼ି ସଫଳତା ପାଇବ ନାହିଁ, ତଥାପିବି ଆଶାନୁରୂପକ ପ୍ରଦର୍ଶନ କରିବାରେ ସଫଳ ହେବ। ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନରେ ବିଜେଡ଼ି-ବିଜେପି ମଧ୍ୟରେ କଡ଼ା ଟକ୍କର ହେବା ଥୟ। ଅବଶ୍ୟ ନବୀନ ବାବୁ ପଞ୍ଚାୟତ ନିର୍ବାଚନରେ ପ୍ରଚାର ପାଇଁ ମଇଦାନକୁ ଓହ୍ଲାଇବେ କି ନାହିଁ ତାହା ଉପରେ ଅନେକ କିଛି ନିର୍ଭର କରେ। ଏବେବି ଗାଁରେ

ଗର୍ବିତ ଓଡ଼ିଆ ODIA WEEKLY GARVITA ODIA

ନବୀନଙ୍କ କ୍ରେଜ୍ ଥିବାରୁ ସେ ପ୍ରଚାର କଲେ ନିଶ୍ଚିତ ଭାବେ ବିଜେଡ଼ିର ଶକ୍ତି ବୃଦ୍ଧି ପାଇବ। ତେବେ ସ୍ୱାସ୍ଥ୍ୟ ଓ ବୟସ ତାଙ୍କୁ ସହଯୋଗ କରୁଛି କି ନାହିଁ ତାହା ନିର୍ବାଚନ ସମୟରେ ହିଁ ଜଣାପଡ଼ିବ।

## କଂଗ୍ରେସ

ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ବି ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ। ଗତ ପଞ୍ଚାୟତ ନିର୍ବାଚନରେ ଦଳ ୩୭ ଆସନ ପାଇଥିବାବେଳେ ଏଥର ସେହି ସଂଖ୍ୟା ନିଶ୍ଚିତ ବଢ଼ିବ। କୋରାପୁଟରେ ବି ସ୍ୱାଭାବିକ ଭାବେ କଂଗ୍ରେସ ଭଲ କରିବ। ପୂର୍ବରୁ ବିଜେଡ଼ି ଏକପାଖିଆ ଜିତୁଥିବାରୁ କଂଗ୍ରେସ ପଛେଇ ଯାଉଥିଲା। କିନ୍ତୁ ଏବେ ବିଜେଡ଼ି-ବିଜେପି ଭିତରେ କଡ଼ା ଲଢ଼େଇ ହେଉଥିବାରୁ କଂଗ୍ରେସ ଏଇ ମଉକାରେ ଭୋଟ୍ ହାତେଇପାରିବ। ସେହିପରି ବିଜେଡ଼ି-ବିଜେପି ମେଣ୍ଟ ଚର୍ଚ୍ଚା ଯେତେ ଜୋରଧରିବ କଂଗ୍ରେସ ପାଇଁ ତାହା ବରଦାନ ହେବ। ପିସିସି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସର ଭୋଟ୍ ହାର ବଢ଼ାଇବାକୁ ରଣନୀତି କରିଛନ୍ତି। ପୂର୍ବାପେକ୍ଷା ଦଳ ଅଧିକ ଭୋଟ୍ ଭିଡ଼ିଲେ ତାହା ଭକ୍ତଙ୍କ ନେତୃତ୍ୱକୁ ଆହୁରି ମଜବୁତ୍ କରିପାରିବ। ସେହିପରି ୨୦୨୯ ଫାଇନାଲ ମ୍ୟାଚ ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନ ସେମି ଫାଇନାଲ୍ ହୋଇଥିବାରୁ ଏଥର କଂଗ୍ରେସ ଗୋଷ୍ଠୀକନ୍ଦଳ ଭୁଲି ଏକାଠି ଲଢ଼ିବ ବୋଲି ଅନୁମାନ କରାଯାଉଛି।




ଗର୍ବିତ ଓଡ଼ିଆ ODIA WEEKLY • GARVIT ODIA

### ୨୦୧୨

## ପଡ଼ିଥିଲା ପ୍ୟାରୀ-ନବୀନ କଳିର ନିଅଁ



୨୦୧୨ ପଞ୍ଚାୟତ ନିର୍ବାଚନକୁ ଅନେକ ଭୁଲି ଯାଇଥିବେ। ମେଣ୍ଟ ଭାଙ୍ଗିବା ପରେ ଏହାଥିଲା ପ୍ରଥମ ପଞ୍ଚାୟତ ନିର୍ବାଚନ। ୨୦୦୯ ନିର୍ବାଚନରେ ସେଞ୍ଚୁରୀ ମାରିଥିଲା ବିଜେଡ଼ି। ସେତେବେଳେ ଦଳର ପ୍ରକୃତ ମଙ୍ଗ ଧରିଥିଲେ ପ୍ୟାରୀମୋହନ ମହାପାତ୍ର। ବିଜେଡ଼ି ୬୦୦ ଜିଲ୍ଲା ପରିଷଦ ଆସନ ଜିତିବ ବୋଲି ପ୍ୟାରୀମୋହନ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନେକ ନେତା ଓ ରାଜନୀତିକ ସମୀକ୍ଷକମାନେ ପ୍ୟାରୀଙ୍କ ଆକଳନକୁ ହସରେ ଉଡ଼ାଇ ଦେଇଥିଲେ। ତେବେ ବିଜେଡ଼ି ୬୫୧ ଜିଲ୍ଲା ପରିଷଦ ଆସନରେ ବାଜିମାତ୍ କରିଥିଲା। ୨୦୦୯ରେ ମେଣ୍ଟ ଭାଙ୍ଗିବା, ସାଧାରଣ ନିର୍ବାଚନରେ ବିଜେଡ଼ି ସେଞ୍ଚୁରୀ ମାରିବା ଓ ୨୦୧୨ ପଞ୍ଚାୟତ ନିର୍ବାଚନରେ ଦଳର ବିପୁଳ ବିଜୟ ପ୍ୟାରୀଙ୍କ ଦବଦବାକୁ ଆହୁରି ବଢ଼ାଇ ଦେଇଥିଲା। ତେବେ ସେହି ସମୟରେ ଖୋର୍ଦ୍ଧାରେ ଅନୁଷ୍ଠିତ ଏକ ପ୍ରଚାର ସଭାରେ ପ୍ୟାରୀ ଓ ନବୀନଙ୍କ ବଡ଼ ବଡ଼ କଟଆଉଟ୍ ଲାଗିଥିଲା। ଯାହାକି ନବୀନଙ୍କୁ କ୍ଷୁବ୍ଧ କରିଥିଲା। ପରେପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ ବି ମୂଳ ବିଜେଡ଼ି ପ୍ରାର୍ଥୀ ହାରିଯାଇଥିଲେ। ପ୍ୟାରୀଙ୍କ ସମର୍ଥିତ ବିଜେଡ଼ି ପ୍ରାର୍ଥୀ ବାଜିମାତ୍ କରିଥିଲେ। ସେତେବେଳେ ବିଜେଡ଼ିର ମୂଳ ପ୍ରାର୍ଥୀଙ୍କୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବିଭୂତି ବଳବନ୍ତରାୟ ଓ ରାଜେନ୍ଦ୍ର ସାହୁ। ଏହା ପରଠାରୁ ପ୍ୟାରୀ-ନବୀନଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିଲା। ଯାହାର ପରିଣାମ ମେ' ୨୯ ମଧ୍ୟରାତ୍ର ଷଡ଼ଯନ୍ତ୍ରରେ ଶେଷ ହୋଇଥିଲା।

### ୨୦୧୭

## ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ତରଣ



୨୦୦୯ ବିଧାନସଭା ନିର୍ବାଚନରେ ହାରିବା ପରେ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ରାଜନୀତିରୁ ଦୂରେଇ ଯାଇଥିଲେ। ଧିରେଧିରେ ସେ ଦିଲ୍ଲୀ ରାଜନୀତିରେ ସକ୍ରିୟ ହେବା ଆରମ୍ଭ କରିଥିଲେ। ୨୦୧୨ରେ ବିହାରରୁ ସେ ରାଜ୍ୟସଭାକୁ ଯାଇଥିଲେ। ମୋଦି-ଶାହାଙ୍କ ଘନିଷ୍ଠ ହୋଇଥିବାରୁ ୨୦୧୪ରେ ସେ ମୋଦି ସରକାରରେ ପେଟ୍ରୋଲିୟମ୍ ମନ୍ତ୍ରୀ ହୋଇଥିଲେ। ଏହା ପରଠାରୁ ବିଜେପିକୁ ମଜବୁତ କରିବାରେ ସେ ଦିନରାତି ଏକ କରିଦେଇଥିଲେ। ରାଜ୍ୟ ବିଜେପିର ସେ ପାଲଟି ଯାଇଥିଲେ ପୋଷ୍ଟର ବୟ। ସେପଟେ ଓଡ଼ିଶାରେ ବିଜେପିକୁ ମଜବୁତ କରିବା ପାଇଁ ମୋଦି ଓ ଶାହା ଘନଘନ ଗସ୍ତ କରିଥିଲେ। ୨୦୧୪ରେ ମୋଦିଙ୍କ ଲୋକପ୍ରିୟତା ସତ୍ତ୍ୱେ ନବୀନ ବାବୁଙ୍କ ବିଜେଡ଼ି ପୁଣିଥରେ ସେଞ୍ଚୁରୀ ମାରିଥିଲା। ହେଲେ ପଞ୍ଚାୟତ ଅଙ୍କ କିନ୍ତୁ ଗଡ଼ବଡ଼ ହୋଇଯାଇଥିଲା। ଦଳର ବହୁ ହେଭିୱେଟଙ୍କ ଗଡ଼ରେ ପଦ୍ମ ଫୁଟିଥିଲା। ମୋଦିଙ୍କ ଲୋକପ୍ରିୟତା, ଶାହାଙ୍କ ରଣନୀତି ଓ ଧର୍ମେନ୍ଦ୍ରଙ୍କ ପରିଚାଳନା ପାଇଁ ବିଜେପି ୨୯୭ ଜିଲ୍ଲା ପରିଷଦ ଆସନରେ ବାଜିମାତ୍ କରିଥିଲେ। ସେତେବେଳେ ବିଜେଡ଼ିକୁ ୪୭୩ ଓ କଂଗ୍ରେସକୁ ୬୦ ଆସନ ମିଳିଥିଲା। ବିଜେପିର ପ୍ରଦର୍ଶନକୁ ନେଇ ଦିଲ୍ଲୀରେ ବି ଶାହା ସାମ୍ବାଦିକ ସମ୍ମିଳନୀ କରିଥିଲେ। ରାଜ୍ୟରେ ବିଜେପି କାର୍ଯ୍ୟକର୍ତ୍ତା ଓ ନେତାଙ୍କ ମନରେ ବିଜୟର ଆଶା ସଂଚରିତ ହୋଇଥିଲା। ଅବଶ୍ୟ ସେହି ଅନୁସାରେ ୨୦୧୯ ନିର୍ବାଚନରେ ଦଳକୁ ଆସନ ମିଳିନଥିଲା। କିନ୍ତୁ ବିଜେପିର ଭୋଟ୍ ହାର ବୃଦ୍ଧି ବିଜେଡ଼ିରେ କମ୍ପନ ସୃଷ୍ଟି କରିଥିଲା।

### ୨୦୨୨

## ବିଜେଡ଼ିର ଏକପାଖିଆ ବାଜିମାତ୍

୨୦୧୯ ସାଧାରଣ ନିର୍ବାଚନରେ ବିଜେପିର ଶକ୍ତି ବଢ଼ିଲା। ଦଳ ୮ ଲୋକସଭା ଆସନରେ ବାଜିମାତ୍ କରିଥିଲା। ୨୩ ବିଧାୟକ ଜିତିଥିବାବେଳେ ସଂଖ୍ୟାଧିକ ସ୍ଥାନରେ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ଆଶା କରାଯାଉଥିଲା ସରକାରୀ ବିରୋଧୀ ହାୱାର ଫାଇଦା ନେବ ବିଜେପି। ୨୦୨୨ରେ ବି ୨୦୧୭ ଭଳି ଦଳ ଭଲ ପ୍ରଦର୍ଶନ କରିବ। କିନ୍ତୁ ସେହି ସମୟରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମେଣ୍ଟ ଅଙ୍କ କଷୁଥିବାରୁ ଆଉ ଆକ୍ରମଣାତ୍ମକ ରଣନୀତି କରିନଥିଲେ। ଯାହାର ପରିଣାମ ସ୍ୱରୂପ ବିଜେଡ଼ି ଏକପାଖିଆ ବାଜିମାତ୍ କରିଥିଲା। ୮୫୨ ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେଡ଼ି ୭୬୬ ଆସନରେ ଜିତିଥିବାବେଳେ ବିଜେପି ଓ କଂଗ୍ରେସ ଯଥାକ୍ରମେ ୪୨ ଓ ୩୭ ଆସନରେ ବାଜିମାତ୍ କରିଥିଲା। ସ୍ୱାଧୀନ ଓ ଅନ୍ୟ ଦଳ ଖାତାକୁ ୭ ଆସନ ଯାଇଥିଲା। ୩୦ ଜିଲ୍ଲାରେ ବିଜେଡ଼ି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ହାତେଇବା ସହ ରାଜ୍ୟର ୮୦% ବ୍ଲକ ଓ ପଞ୍ଚାୟତରେ ଦବଦବା ଜାହିର କରିଥିଲା। ହେଲେ ୨୦୨୪ ସାଧାରଣ ନିର୍ବାଚନରେ କିନ୍ତୁ ଦଳକୁ ମାଟି କାମୁଡ଼ିବାକୁ ପଡ଼ିଥିଲା। ଅତଏବ ପଞ୍ଚାୟତ ନିର୍ବାଚନର ବିପୁଳ ସଫଳତା ସତ୍ତ୍ୱେ ଦଳ ଗାଦିଚ୍ୟୁତ ହୋଇଥିଲା।

# କଂଗ୍ରେସର ଟାର୍ଗେଟ୍ ୪୦ ଆସନ

**କଂଗ୍ରେସ ଏବେ ଚାଳିଶ ଆସନ ଉପରେ ଫୋକସ୍ କରୁଛି । ଦଳର ଅଙ୍କ ହେଉଛି, ଯଦି ୨୦୨୯ରେ ୩୦ରୁ ୩୫ ଆସନରେ ବାଜିମାତ୍ କରେ ତେବେ କଂଗ୍ରେସ ବିନା କେହିବି ସରକାର ଗଢ଼ିବା ଅସମ୍ଭବ । ଅତଏବ ଏତିକି ଆସନ ପାଇଲେ ବି ଦଳ କ୍ଷମତାକୁ ଫେରିପାରିବ । ଯଦି କଂଗ୍ରେସ ୩୫ରୁ ୪୦ ଆସନ ପାଏ ତେବେ ବିଜେଡ଼ି ଓ ବିଜେପି ମ୍ୟାଜିକ ଅଙ୍କ ଛୁଇଁ ପାରିବେନି । ଏଭଳି ସ୍ଥିତିରେ ବିଜେଡ଼ି-ବିଜେପି ମେଣ୍ଟ ହେବ, ନଚେତ୍ ବିଜେଡ଼ି-କଂଗ୍ରେସ ମେଣ୍ଟ ସରକାର ଗଢ଼ିବେ । ଯଦି ବିଜେଡ଼ି-ବିଜେପି ମେଣ୍ଟ ସରକାର ହୁଏ ତେବେ ୨୦୩୪ ବେଳକୁ କଂଗ୍ରେସ କ୍ଷମତାକୁ ଫେରିପାରିବ । ଦଳର ଦବଦବା ବି ସାରା ରାଜ୍ୟରେ ବଢ଼ିବ । ପିସିସି ସଭାପତି ଭକ୍ତ ଚରଣ ଦାସ ଏମିତି ଅଙ୍କକଷି ଆଗକୁ ମାଡ଼ି ଚାଲିଛନ୍ତି ।**

## ଦଳ ପାଇଁ ସମସ୍ୟା

୨୦୦୦ରେ ଦଳ ୧୪୦ ଆସନରେ ନିଜର ସ୍ଥିତି ମଜବୁତ୍ ରଖିଥିଲା । କିନ୍ତୁ ଧିରେଧିରେ ତାହା ହ୍ରାସ ପାଇ ତିରିଶରୁ ଚାଳିଶ ଭିତରେ ସୀମିତ ରହିଛି । ୨୦୦୦ରେ ଦଳ ମାତ୍ର ୭ ଆସନରେ ଅମାନତ ହରାଇଥିବାବେଳେ ଚବିଶ ନିର୍ବାଚନରେ ତାହା ୧୦୪କୁ ବୃଦ୍ଧି ପାଇଛି । ଯଦି ନୂଆପଡ଼ାରେ କଂଗ୍ରେସର ପ୍ରଦର୍ଶନକୁ ବିଚାରକୁ ନେବା ତେବେ ଅମାନତ ହରାଇଥିବା ଆସନ ସଂଖ୍ୟା ୧୦୩ରେ ପହଁଚିଛି ।

ଆଜିକା ଦିନରେ କଂଗ୍ରେସ ୩୨ ଆସନରେ ହିଁ ନିଜର ସ୍ଥିତି ରଖିଛି । ଏହିସବୁ ଆସନରେ ଦଳଯେ, ଜିତିଯିବ ସେ କଥା ନୁହେଁ, ହେଲେ ବିଜେଡ଼ି ଓ ବିଜେପି ସହ ଭଲ ଲଢ଼େଇ ଦେଇପାରିବ । ଗତ ୨୦୨୪ରେ ଦଳ ବାସୁଦେବପୁର, ଭବାନୀପାଟଣା, ଜି. ଉଦୟଗିରି, ବାରବାଟୀ-କଟକ, ସାନଖେମୁଣ୍ଡି, ମୋହନା, ଗୁଣୁପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, ପଟାଙ୍ଗୀ, ଚିତ୍ରକୋଣ୍ଡା ଓ ରାଜଗାଙ୍ଗପୁରରୁ ଜିତିଥିଲା । ସେଥିମଧ୍ୟରୁ ଭକ୍ତଙ୍କ ପୁଅ ସାଗର ଦାସ ଜିତିଥିବା ଭବାନୀପାଟଣା ଆସନଟି ଏସସିଙ୍କ ପାଇଁ ସଂରକ୍ଷିତ । ଯେତେବେଳେକି ବାସୁଦେବପୁର, ବାରବାଟୀ-କଟକ, ସାନଖେମୁଣ୍ଡି ଓ ଜୟପୁରକୁ ଛାଡ଼ିଦେଲେ ବାକି ୯ଟି ଆସନ ଏସଟିଙ୍କ ପାଇଁ ସଂରକ୍ଷିତ । ବିଶେଷକରି ଅବିଭକ୍ତ କୋରାପୁଟର ଆଦିବାସୀ ଇଲାକାରେ ଦଳ ତା'ର ପୂର୍ବ ପତିଆରା ଫେରିପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି କୋରାପୁଟରୁ ହିଁ କଂଗ୍ରେସ ଟିକେଟରେ ସପ୍ତଗିରି ଉଲାକା ବାଜିମାତ୍ କରି ଦଳର ଟେକ ରଖିପାରିଛନ୍ତି ।

୨୦୨୪ ଅଙ୍କକୁ ଦେଖିଲେ ଆନନ୍ଦପୁରରେ ଜୟଦେବ ଜେନା ୬୦୬୮୫, ଭୋଗରାଇରେ ସତ୍ୟଶିବ ଦାସ ୬୩୬୩୪, ବସ୍ତାରେ ବିଜୟ ନାୟକ ୬୨୬୯୧, ଭଣ୍ଡାରୀପୋଖରୀରେ ନିରଞ୍ଜନ ପଟ୍ଟନାୟକ ୭୦୮୯୬, ବଲାଙ୍ଗୀରରେ ସମରେନ୍ଦ୍ର ମିଶ୍ର ୭୧୮୫୬, ଡାବୁଗାଁରେ ଲିପିକା ମାଝୀ ୫୬୦୫୬, ଲାଞ୍ଜିଗଡ଼ରେ ବଳଭଦ୍ର ମାଝୀ ୫୩୭୫୩, ନର୍ଲାରେ ଭକ୍ତଚରଣ ଦାସ ୬୨୩୨୭, ବାଲିଗୁଡ଼ାରେ ଉପେନ୍ଦ୍ର ପ୍ରଧାନ ୪୧୯୧୫ ଓ ଆଳିରେ ଦେବସ୍ମିତା ଶର୍ମା ୫୪୦୫୦ ଖଣ୍ଡ ଭୋଟ୍ ପାଇଥିଲେବି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହି ୧୦ ଆସନରେ କଂଗ୍ରେସ ଯଦି ଅଧିକ ପରିଶ୍ରମ କରେ ତେବେ ୨୦୨୯ରେ ସେହି ଆସନ ଜିଣିବାର ଏକ ସମ୍ଭାବନା ସୃଷ୍ଟି ହୋଇପାରିବ ।

ଖାଲି ସେତିକିନୁହେଁ ଭଦ୍ରକ, ନବରଙ୍ଗପୁର, ଧର୍ମଗଡ଼, ବାଙ୍କୀ, ତିର୍ତୋଲ, ଜଟଣୀ, କୋଟପାଡ଼, ନୂଆପଡ଼ାରେ ବି ଦଳ ୪୦ ହଜାରରୁ ଅଧିକ ଭୋଟ୍ ପାଇଛି । ଏହି ଆସନରେ ବି କଂଗ୍ରେସ ଫୋକସ କଲେ ଭଲ । ୩୦ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିବା ପଦ୍ମପୁର, ତଳସରା, ରେଢାଖୋଲ, ସୋରୋ, ଲୋଇସିଂହା, ଜୁନାଗଡ଼, କାକଟପୁର ଓ ପାରଳାଖେମୁଣ୍ଡି ଆସନକୁ ବି ଦଳ ଗୁରୁତ୍ୱ ଦେଉଛି । ଅତଏବ ୩୨ ସହ ଏହି ୮ ଆସନକୁ ହିସାବକୁ ନେଲେ ୪୦ ଉପରେ ହିଁ ସବୁ ଶକ୍ତି ଲଗାଇଦେବ ।

ଏକ ଷଷ୍ଠାଂଶ ଭୋଟ୍ ନପାଇଲେ ଅମାନତ ରହିଲାନି ବୋଲି କୁହାଯାଏ । କିନ୍ତୁ କଂଗ୍ରେସ ୨୦୨୪ରେ ଅନେକ ଆସନରେ ୧୦ ହଜାର କଥା ଛାଡ଼, ୫ ହଜାର ଭୋଟ୍ ବି ପାଇନଥିଲା । ୫/୧୦ ହଜାର ଭୋଟ ଥିବା ଆସନରେ ଦଳ ଯେତେ ଫୋକସ କଲେବି ତାହା ପଚାଶ ଷାଠିଏ ହୋଇଯିବ ବୋଲି ଭାବିବା ବୋକାମୀ ହେବ । ଏଇଯେମିତି, ଅତାବିରା, ଭଟଲି, ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା, ରେଙ୍ଗାଲୀ, ଘସିପୁରା, ପାଟଣା, କେନ୍ଦୁଝର, ଚମ୍ପୁଆ, ନୀଳଗିରି, ଧାମନଗର, ବିଞ୍ଝାରପୁର, ବରି, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନଗୁଳ, ଛେଣ୍ଡିପଦା, ଆଠମଲ୍ଲିକ, କଂଟାମାଳ, ବୌଦ୍ଧ, ବଡ଼ମ୍ବା, ଆଠଗଡ଼, ଚୌଦ୍ୱାର-କଟକ, ନିଆଳୀ, କଟକସଦର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ପାରାଦୀପ, ଜଗତସିଂହପୁର, ନିମାପଡ଼ା, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତର, ଏକାମ୍ର, ଖୋର୍ଦ୍ଧା, ଚିଲିକା, ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା, ନୟାଗଡ଼, ଭଞ୍ଜନଗର, ପୋଲସରା, ଖଲିକୋଟ, ଛତ୍ରପୁର, ଆସ୍କା, ସୋରଡ଼ା, ହିଞ୍ଜିଳି, ଗୋପାଳପୁର, ବ୍ରହ୍ମପୁର ଓ ଚିକିଟି । ସେହିସବୁ ଆସନରେ ଦଳର ଭୋଟ୍ ୧୦ ହଜାରରୁ କମ୍ ରହିଛି ।



## ୨୦୨୯ରେ ବଦଳିପାରେ ଅଙ୍କ

ସାମ୍ପ୍ରତିକ ରାଜ୍ୟ ରାଜନୀତିର ସ୍ଥିତିକୁ ଆକଳନ କଲେ ୨୦୨୯ରେ ମେଣ୍ଟ ରାଜନୀତି ଦେଖିବାକୁ ମିଳିପାରେ । ବିଜେଡ଼ି ଗତ ନିର୍ବାଚନରେ ହାରିଥିଲେବି ସଂଗଠନ ମଜବୁତ୍ ରହିଛି । ଏକଥା ବିଜେପି ବି ସ୍ୱୀକାର କରୁଛି । ବିଜେପିରେ ବି ସବୁକିଛି ଠିକ ଚାଲିନାହିଁ । ଦଳରେ ବିବାଦ ଓ ଫାଟ ଥିଲେବି କେନ୍ଦ୍ର ଓ ରାଜ୍ୟରେ ସରକାର ଥିବାରୁ ତାଳିପକାଇ ନେତାମାନେ ଦଳ ସହ ଅଛନ୍ତି । ସେହିପରି ବିଜେଡ଼ି ଯଦି ବିଜେପିକୁ ହରାଇବାକୁ ଚାହିଁବ ତେବେ ସହଯୋଗୀ ଖୋଜିବା ନିଶ୍ଚିତ । ଅଣକଂଗ୍ରେସ ଦଳ ହୋଇଥିଲେବି କଂଗ୍ରେସକୁ ବି ସାଥିରେ ନେଇପାରେ । ଅନେକ ରାଜ୍ୟରେ ଏମିତି ଚିତ୍ର ମଧ୍ୟ ଦେଖିବାକୁ ମିଳିଛି । ଗତ ରାଜ୍ୟସଭା ନିର୍ବାଚନ ବେଳେ ଏହାର ନଜିର ବି ସାରା ଓଡ଼ିଶା ଦେଖିସାରିଛି । ଅବଶ୍ୟ ଏହାଦ୍ୱାରା ଉଭୟ ଦଳ ଲାଭବାନ ହୋଇପାରିବେ । ଉଭୟ ଦଳ ଏକାଠି ହେଲେ କେତେ ଆସନରେ ଜିତିପାରିବେ ସେନେଇ ଆସନ୍ତା ସଂଖ୍ୟାରେ ଆମେ ଏକ ଅନୁଶୀଳନ ଦେବୁ । ଅବଶ୍ୟ ବିଜେପି-ବିଜେଡ଼ି ମେଣ୍ଟ ହେଲେବି ଆଶ୍ଚର୍ଯ୍ୟ ହେବାର ନାହିଁ । କାହିଁକିନା କଂଗ୍ରେସକୁ ମଜବୁତ କରିବା ପାଇଁ କେବେବି ମୋଦି-ଶାହ ଚାହିଁବେ ନାହିଁ । ଯେଉଁଥିପାଇଁ ବିଜେଡ଼ି-ବିଜେପିର ମତିଗତି ବଦଳୁଥିବା ଲକ୍ଷ୍ୟ କରାଯାଉଛି । ଯଦି ସେଭଳି ହୁଏ ତଥାପିବି କଂଗ୍ରେସ ଲାଭରେ ରହିବ । ଦଳ କେତେ ଆସନ ଜିତିବ ସେଇଟା ବଡ଼ କଥା ନୁହେଁ ଏକମାତ୍ର ବିରୋଧୀ ଭାବେ ଉଭା ହୋଇପାରିବ । ସେହିପରି ବିଜେଡ଼ି-ବିଜେପି ମେଣ୍ଟ ହେଲେ ଟିକେଟ୍ ନପାଇଥିବା ଅନେକ ନେତା କଂଗ୍ରେସକୁ ଆସିପାରନ୍ତି । ଗାଏମୋଟ୍ କହିଲେ ଭୋଟ ଦୃଷ୍ଟିରୁ କଂଗ୍ରେସ ଦୁର୍ବଳ ଥିଲେବି ୨୦୨୯ରେ କଂଗ୍ରେସ ପାଇଁ ଏକ ଅନୁକୂଳ ସମୀକରଣର ସମ୍ଭାବନା ରହିଛି ।

# ଟାହିଆ ପାଇଁ ଟକରା ଟକରି...



ଜନତାଙ୍କ ନାଡ଼ି ଚିପିବାରେ ନେତାମାନେ ଧୂରନ୍ଧର। କେଉଁ ବିଷୟକୁ ପ୍ରସଙ୍ଗ କଲେ ଲୋକଙ୍କ ମରମକୁ ଭେଦିବ ତାକୁ ଠଉରେଇବାରେ ରାଜନୈତିକ ଦଳ ଓ ତାଙ୍କ ନେତାଙ୍କୁ କେହି ପାରିବେନି। ଦେଖୁନାହାନ୍ତି ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର କେତେ ପ୍ରସ୍ତୁତି କଲେ। ଭକ୍ତଙ୍କ ସୁବିଧା, ଆଇନ ଶୃଙ୍ଖଳା ପରିସ୍ଥିତି, ଗମନାଗମନ, ମହାପ୍ରଭୁଙ୍କ ନୀତି କିପରି ସୂଚାରୁ ରୂପେ ପରିଚାଳିତ ହେବ କାହିଁ କେତେ ଘନ ଘନ ବୈଠକ ବସିଲା। ଆଉ କେତେ ପଦକ୍ଷେପ ମଧ୍ୟ ନିଆଗଲା। ମନ୍ଦିର ଭିତରେ ନୀତିକାନ୍ତି ସବୁ ସରିବା ପରେ ଆରମ୍ଭ ହେଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି। ପ୍ରଭୁ ସୁଦର୍ଶନ, ମା ସୁଭଦ୍ରା ଓ ବଡ଼ଠାକୁର ସୁରୁଖୁରୁରେ ରଥ ଉପରେ ବିଜେ ହେଇଗଲେ। ହେଲେ ସମସ୍ତଙ୍କ ଅପେକ୍ଷା କେତେବେଳେ ଦେଖାଯିବ ଚକାଆଖି। ରାତିସାରା ପୁରୀରେ ରେକର୍ଡ ବର୍ଷା, ହେଲେ ସକାଳୁ ପାଗରେ ଟିକିଏ ଉନ୍ନତି ଆସିଥାଏ। କିନ୍ତୁ ଠିକ ଏହି ସମୟରେ ପୁଣି ଆରମ୍ଭ ହୋଇଗଲା ପ୍ରବଳ ବର୍ଷା। ବର୍ଷାରେ ଓଦା ହେଇ ଲକ୍ଷ ଲକ୍ଷ ଭକ୍ତ କାଳିଆ ଠାକୁରଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଅପେକ୍ଷା କରିଛନ୍ତି। ବିଶ୍ୱର କୋଣ ଅନୁକୋଣରେ ମଧ୍ୟ କୋଟି କୋଟି ଜନତା ଆଗ୍ରହର ସହ ରଥଯାତ୍ରାର ସିଧା ପ୍ରସାରଣ ଦେଖୁଛନ୍ତି। ପାଖାପାଖି ଏକ ଘଣ୍ଟା ବିତି ଗଲାଣି, ହେଲେ କାଳିଆର ଦେଖା ନାହିଁ।

ଏହାରି ଭିତରେ ବାଇଶି ପାହାଚରୁ ଦେଖାଗଲା ଭକ୍ତଙ୍କ ଆସ୍ଥାର ପ୍ରତୀକ କଳା ବଦନ। କିନ୍ତୁ ଏ କଣ, ଜଗନ୍ନାଥଙ୍କ ଟାହିଆ କାଇଁ ? ସୋସିଆଲ ମିଡିଆରେ ଆରମ୍ଭ ହୋଇଗଲା ସିଭିଲ ୱାର। ଖାଲି ଓଡ଼ିଆ ନୁହେଁ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରଖୁଥିବା ସମସ୍ତ ବ୍ୟକ୍ତି ଏହି ପ୍ରଶ୍ନ ପଚାରିବାକୁ ଆରମ୍ଭ କଲେ। ଓଡ଼ିଆଙ୍କ ପ୍ରାଣ ଜଗନ୍ନାଥଙ୍କ କଥା ଯେତେବେଳେ ଆସୁଛି ଆଉ ଲୋକ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ରାଜନୈତିକ ଦଳଙ୍କୁ ବି ମିଳିଗଲା ମଉକା। ବାସ ଆରମ୍ଭ ହୋଇଗଲା କାଦୁଅ ଫିଙ୍ଗାଫିଙ୍ଗି। ବିରୋଧୀ ସିଧା ସରକାର, ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କୁ ଟାର୍ଗେଟ କଲେ। ଠିକ ଏହାର କିଛି ସମୟ ପରେ ଦୁଇଜଣ ଭକ୍ତଙ୍କ ମୃତ୍ୟୁକୁ ନେଇ ମଧ୍ୟ ଚାଲିଲା ଆରୋପ ପ୍ରତିଆରୋପ। ଆମର ଆରାଧ୍ୟ ତ ବହୁ ଆଗରୁ ରାଜନୀତିର ପଶାକାଠି ହୋଇସାରିଛନ୍ତି। କାରଣ ୨୦୨୪ ନିର୍ବାଚନ ବେଳେ ଯେଉଁ ମୁଖ୍ୟ ପ୍ରସଙ୍ଗ ସବୁ ରହିଥିଲା ସେ ଭିତରେ ଚାରି ଦୁଆର ଦର୍ଶନ ହେଉ କି ରତ୍ନଭଣ୍ଡାର କଥା, ଏମିତିକି ପରିକ୍ରମା ପ୍ରକଳ୍ପ ସବୁ ମୈଦାନକୁ ଓହ୍ଲାଇ ସାରିଥିଲେ। ତେଣୁ କାହିଁକି ଟାହିଆ ନାହିଁ, କିଏ ନେଇଗଲା ନା ମୂଳରୁ ନଥିଲା, ବର୍ଷା ଯୋଗୁ ଏମିତି କିଛି ଅଘଟଣ ଘଟିଲା କି, ଏକଥା କେହି ଭାବିବାକୁ ନାରାଜ। ଜଗନ୍ନାଥଙ୍କ କଥା ଆସିଛି ମାନେ ଯୁକ୍ତି ହେବା ସ୍ୱାଭାବିକ। ଶ୍ରୀମନ୍ଦିର ପ୍ରଶାସନ ହେଉ କିମ୍ବା ସେବାୟତ ଯେତେ କୈଫିୟତ ଦେଲେ ମଧ୍ୟ କେହି ଶୁଣିବାକୁ ନାରାଜ।

ସାରା ବିଶ୍ୱରେ ଜଗନ୍ନାଥ ହିଁ ଏକମାତ୍ର ଠାକୁର ଯାହାକୁ ଭକ୍ତ ତୁ ତା ମଧ୍ୟ କରିଥାଆନ୍ତି। ଆଉ ସିଏ ବି ତା ଭକ୍ତଙ୍କ ପାଇଁ ସବୁବେଳେ ତା ହୃଦୟ ଖୋଲା ରଖିଥାଏ। ତେଣୁ ଠିକ ହେଲେ ଆମେ ଶ୍ରେୟ ନେଉ କିନ୍ତୁ ଭୁଲ ହେଲେ ସବୁ ସେଇ କାଳିଆର ଇଚ୍ଛା ବୋଲି କହି ତା ମୁଣ୍ଡରେ ସବୁ ଦୋଷ ଲଦିଦେଉ। ତେଣୁ ତାକୁ ରାଜନୀତିକୁ ଟାଣି ସମସ୍ତେ ଫାଇଦା ନେବାରେ ବ୍ୟସ୍ତ। ସମସ୍ତଙ୍କୁ ନିଜର ସନ୍ତାନ ଭାବି ସେ ସବୁ ଦୋଷକୁ ମୁଣ୍ଡେଇନେଉଛି ସିନା ଆମେ କିନ୍ତୁ ଜାଣିବା ଦରକାର ହିସାବ କରୁଛି କାଳିଆ।

# ମହାରାଜା ହେବା ମହଙ୍ଗା ପଡ଼ିଲା !



ଆଗରେ ବାଜୁଛି ରଣଦୁନ୍ଦୁଭି। ରୋଲ୍ସ ରଏସ ପରି ଦାମୀ ଗାଡ଼ି। ଆଉ ତା' ଉପରେ ବିରାଜମାନ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ। ଖାଲି ସେତିକି ନୁହେଁ ରାଜା ମହାରାଜାଙ୍କ ପରି ଛତ୍ର ତରାସ ସେବା। ଥାଟବାଟରେ ଯୁବ ବିଧାୟକ ଆମର ମହାପ୍ରଭୁଙ୍କ ରଥରେ ଛେରାପହଁରା କରୁଛନ୍ତି। ଆଉ ସବୁଠାରୁ ବଡ଼ କଥା ହେଉଛି ସେହି ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଯେଉଁ ରଥରେ ନିଆଯାଉଛି, ତାହା କୌଣସି ରଥ ନୁହେଁ ବରଂ ଏକ ଟ୍ରାକ୍ଟର ଯାହାର ଡାଲାରେ ପ୍ରଭୁ ବିରାଜମାନ ହୋଇଛନ୍ତି। ଏମିତି ଏକ ଭିଡିଓ ଭାଇରାଲ ହେବା ପରେ ବିଧାୟକ ହିମାଂଶୁ ସାହୁ ବା ଲିକୁ ଭାଇ ଏବେ ଅଡୁଆରେ ପଡ଼ିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ଭରପୁର ଟ୍ରୋଲ କରାଯାଉଛି। ଅବଶ୍ୟ ଏହା ପରେ ଲିକୁ ବିରୋଧୀଙ୍କୁ କାଉଣ୍ଟର ଆଟାକ୍ କରିଛନ୍ତି।

ଲିକୁଙ୍କ କହିବା କଥା, 'ମହାପ୍ରଭୁଙ୍କୁ ଅପମାନ ତାଙ୍କ କଳ୍ପନା ବାହାରେ। ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟିର ଅନୁରୋଧ କ୍ରମେ ସେ ଛେରାପହଁରା କରିଥିଲେ। ପରମ୍ପରା ଅନୁଯାୟୀ ସେ ରାଜାବେଶ ହୋଇଥିଲେ। ପୂର୍ବରୁ ଯାଜପୁରର କିଛି ବିଧାୟକ ବି ରାଜା ବେଶ ହୋଇ ଛେରାପହଁରା କରିଛନ୍ତି। ସେହିପରି ମହାପ୍ରଭୁ ରଥରେ ଯାଇଥିଲେ, ଟ୍ରାକ୍ଟରରେ ନୁହେଁ। କିନ୍ତୁ ଏକ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସୋଲରେ ତିଆରି ଠାକୁରଙ୍କୁ ଟ୍ରାକ୍ଟରରେ ରଖି ନୃତ୍ୟ ପରିବେଷଣ କରିଥିଲେ। ଯାହାକୁ ନେଇ ସେ ଦୁଃଖ ପ୍ରକାଶ କରିଛନ୍ତି।' ଲିକୁଙ୍କ ଏମିତିକା ସ୍ପଷ୍ଟୀକରଣ ସିନା ମିଡ଼ିଆରେ ବାହାରିଛି, ହେଲେ ସେତେବେଳକୁ ସୋସିଆଲ ମିଡ଼ିଆରେ କିନ୍ତୁ ନିନ୍ଦୁକମାନେ ତାଙ୍କ ଧଜିଆ ଉଡ଼ାଇ ଦେଇଛନ୍ତି। ଲିକୁ ଭାଇ ଏବେ କଥାଟା ଭଲ ଭାବରେ ବୁଝିସାରିବେଣି। ତେଣୁ ଆସନ୍ତା ବର୍ଷ ଧର୍ମଶାଳାର ରଥଯାତ୍ରାକୁ ସେ ନିଶ୍ଚିତ ଏକ ସୁନ୍ଦର ଆଧ୍ୟାତ୍ମିକ ଉତ୍ସବ ଭାବରେ ପାଳନ କରିବେ ବୋଲି ଆଶା।

ଖାଲି ଲିକୁ ଭାଇଙ୍କ ରାଜାବେଶ ଚର୍ଚ୍ଚାରେ ନାହିଁ ଆଜ୍ଞା। ତାଙ୍କଠୁ ବେଶୀ ହାଇଲାଇଟ୍ ହୋଇଛନ୍ତି ନୟାଗଡ଼ର ଉପ ଜିଲ୍ଲାପାଳ। ରଥରେ ଛେରାପହଁରା କରିବେ ବୋଲି ରାଜାବେଶ ହେଇ ରଥଯାତ୍ରାରେ ପହଁଚିଯାଇଥିଲେ। ହେଲେ ସେବାୟତ କଣ ତାଙ୍କୁ ସେବା କରିବାକୁ ଦେଲେ। ସିଧା ବିରୋଧ କରି ରଥ ଆଗରେ ଶୋଇପଡ଼ିଲେ। ପରିସ୍ଥିତି ଦେଖି ଯାତ୍ରାସ୍ଥଳ ଛାଡ଼ି ଉପ ଜିଲ୍ଲାପାଳ ମହୋଦୟ ଛୁ ମାରିଲେ। କିନ୍ତୁ ଏ ଲୋକ କଣ ଛାଡ଼ିବେ। ବାବୁଙ୍କ ବେଶ ପରିପାଟୀ ଫଟୋ ସହ ଡ୍ରେସର ଦାମ ଆଉ ପାର୍ଲର ଖର୍ଚ୍ଚର ହିସାବ କରି ଚିଠା ସୋସିଆଲ ମିଡିଆରେ ବୁଲାଇଦେଲେ। ପୁରୀ ଗଜପତି ମହାରାଜ ତିନି ରଥରେ ଛେରାପହଁରା କରିଥାଆନ୍ତି। କାରଣ ସେ ଜଗନ୍ନାଥଙ୍କ ଆଦ୍ୟ ବା ପ୍ରଥମ ସେବକ। ଏହି ପରମ୍ପରା କାହିଁ କେତେ କାଳରୁ ଚାଲିଆସିଛି। ଗଜପତିଙ୍କୁ ମଧ୍ୟ ଲୋକେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ବୋଲି ବିବେଚନା କରନ୍ତି। ହଁ ଏ କଥା ବି ସତ ଯେ, ପୁରୀ ବାଦ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ରଥଯାତ୍ରାରେ ସଂପୃକ୍ତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମଧ୍ୟ ଛେରାପହଁରା କରିଥାଆନ୍ତି। କିନ୍ତୁ ସମସ୍ତ ପରମ୍ପରା ପୁରୀ ଜଗନ୍ନାଥ ମନ୍ଦିରର ନୀତି ଆଦର୍ଶକୁ ଅନୁକରଣ କରିବା କଥା। କାରଣ ଶ୍ରୀମନ୍ଦିର ଓ ଗଜପତିଙ୍କର ବିକଳ୍ପ ନାହିଁ। ତେଣୁ ଗଜପତି ମହାରାଜଙ୍କୁ ଅନୁକରଣ କରାଯାଉ କିନ୍ତୁ ହନୁକରଣ କରାନଯାଉ।

ODIA WEEKLY ● GARVIT ODIA

# ଆଉ ବିଜେଡି ଥୋପ ଢୋକିବିନି: ଅମରେଶ

**ଅମରେଶ ଜେନା, ଭୁବନେଶ୍ୱର ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। ଭୁବନେଶ୍ୱର ରାଜନୀତି ସହ ସେ ତିନି ଦଶନ୍ଧି ଧରି ଜଡ଼ିତ। ବିଜେଡ଼ିର ଜିଲ୍ଲା ଛାତ୍ର ସଭାପତି, ଜିଲ୍ଲା ଯୁବ ସଭାପତି, ଜିଲ୍ଲା ସଭାପତି, ବହୁବାର କର୍ପୋରେଟର ମଧ୍ୟ ରହି ଆସିଛନ୍ତି। ଲୋକ୍‌ପ୍ରିୟତା ଓ ସଂଗଠନ ବି ରହିଛି। ଏବେ ସେ ଆଉ ବିଜେଡ଼ି ସହ ନାହାନ୍ତି। ବିଜେପି ଆଡ଼କୁ ମୁହାଁଉଥିବା ଚର୍ଚ୍ଚା ହେଉଛି। 'ଗର୍ବିତ ଓଡ଼ିଆ' ତାଙ୍କର ମନକଥା, ରାଜନୀତିକ ଲକ୍ଷ୍ୟ ବିଷୟରେ ଜାଣିବାକୁ ଚେଷ୍ଟା କରିଛି।**



**?** ଆଜ୍ଞା ନେତାମାନେ ଦିନରାତି ସଂଗଠନ କରୁଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିଯାଏ। ହେଲେ ଆମେ ଜାଣିବାକୁ ଚାହୁଁଛୁ ଆପଣଙ୍କର ରାଜନୀତିକ ସ୍ୱାସ୍ଥ୍ୟ କେମିତି ଅଛି?

ମୋର ସ୍ୱାସ୍ଥ୍ୟ ଭଲ ଅଛି, ହେଲେ ରାଜନୀତିକ ସ୍ୱାସ୍ଥ୍ୟ ଭଲ ନାହିଁ। କୋଭିଡ଼ ଯେମିତି ଭଲ ଲୋକଙ୍କୁ ରୋଗଗ୍ରସ୍ତ କରେ, ଠିକ୍ ସେମିତି ରାଜନୀତିକ ଅନିଶ୍ଚିତତା ପାଇଁ ସମସ୍ତେ ଦ୍ୱନ୍ଦ୍ୱରେ ରହି ଯାଇଛନ୍ତି। ବିଜେଡ଼ି ହେଉକି ବିଜେପି, ଆଗକୁ ଯିବାକୁ ଠିକ୍ ନେତୃତ୍ୱ ପାଉନାହାନ୍ତି। ସବୁଠି ଗୋଷ୍ଠୀବିବାଦ। ସବୁ ଦଳକୁ ଏହି ରୋଗ ଗ୍ରାସ କରିଛି। ଯିଏ ଏଭଳି ସ୍ଥିତିର ମୁକାବିଲା କରି ଆଗକୁ ଯାଇପାରିଲା ତାହେଲେ ରୋଗ ଭଲ ହୋଇଯିବ।

**?** ଆପଣ ଭୁବନେଶ୍ୱର ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। ଅନେକ ବାର ମେୟର ଦୌଡ଼ରେ ବି ରହିଛନ୍ତି। ବିଧାୟକ ରେସରେ ବି ଅଛନ୍ତି। ବେଳେବେଳେ ଆପଣଙ୍କୁ ଲାଗେନା କି, ବିଜେଡ଼ି ଆପଣଙ୍କ ଦକ୍ଷତାକୁ ବୁଝିପାରିନି ବୋଲି। ଦଳ ଆପଣଙ୍କୁ ଧୋକ୍କା ଦେଲା ବୋଲି ଭାବନ୍ତି କି ?

ଭୁବନେଶ୍ୱର ହେଉଛି ଆମ ଗାଁ, ଆମ ଘର। ଆମେ ପୁରୁଷ ପୁରୁଷ ଧରି ଭୁବନେଶ୍ୱରରେ ରହିଆସୁଛୁ। ସ୍ୱାଭାବିକ ଭାବେ ଆମର ବନ୍ଧୁବାନ୍ଧବ, ସାଙ୍ଗ ସାଥି ରହିଛନ୍ତି। ହେଲେ କିଛି ବାହାର ନେତା ଦବଦବା ଜାହିର କରିବା ବେଳେ ସେମାନେ ଆମକୁ ସମସ୍ୟା ବୋଲି ଭାବନ୍ତି। ମୁଁ ଭାବେ ମୋ ଭାଗ୍ୟରେ ନଥିଲା ବୋଲି ମେୟର ହୋଇପାରିଲିନି। ମୋର କ'ଣ ଗୋଟେ ଭୁଲ୍ ଥିଲାବୋଧେ। ମୁଁ ଠିକ୍‌ରେ ବୋଧେ ଲବି କରିପାରିଲିନି। ଅବଶ୍ୟ ମୋତେ ବହୁ ଜିନିଷ କୁହାଯାଇଥିଲା, ସେଥିରୁ କିଛି ଦେଲେ, କିଛି ଦେଲେନି। ମୋତେ ଜିଲ୍ଲାର ପ୍ରଭାରୀ କରିଛନ୍ତି, ଜିଲ୍ଲା ସଭାପତି କରିଛନ୍ତି। ରାଜନୀତିକ ସହଯୋଗ ବି ମିଳିଛି। ତେଣୁ ନବୀନ ପଟ୍ଟନାୟକଙ୍କ ପ୍ରତି ମୋର ବହୁ ସମ୍ମାନ ରହିଛି।

**ବାବୁ, ଜଗା, ଅପରାଜିତାଙ୍କ ସହ ମୋର ପୁରୁଣା ସମ୍ପର୍କ**

**?** ବିଜେଡ଼ିରେ ଆପଣଙ୍କ ଚେର କିଏ କାଟିଲା ?

ଭୁବନେଶ୍ୱର ରାଜନୀତିକୁ ଯିଏ ଦେଖିଛନ୍ତି, ସେ ଜାଣିଛନ୍ତି ମୋର ଶତ୍ରୁ କିଏ। ମୁଁ ଖଣ୍ଡାୟତିଆ ଲୋକ, ସେଥିପାଇଁ ବହୁ ପଛରେ ପଡ଼ିଯାଇଛି। ମନରେ ଯାହା ଥାଏ, ମୁହେଁମୁହେଁ କହିଦିଏ। ରାଜନୀତିରେ ଅବଶ୍ୟ ତାହା ଠିକ୍ ନୁହେଁ। କିନ୍ତୁ ପେଟ ଭିତରେ ମୁଁ ରଖିପାରେନା।

**?** ଲିଟୁ-ବାଇଆଁ ଏକାଠି ହୋଇ କିଛି ଖେଳ କରିବେ ବୋଲି ଚର୍ଚ୍ଚା ହେଉଥିଲା।

ଏବେବି ଆମେ ଦୁଇ ଭାଇ ଏକାଠି ଅଛୁ। ଆମ ରାଜନୀତିକ ଚିନ୍ତାଧାରା ଅଲଗା ହୋଇପାରେ। ହେଲେ ଏକାଠି ହୋଇ ଆମେ ଭୁବନେଶ୍ୱରର ବିକାଶ ପାଇଁ କାମ କରୁଛୁ। ଅନେକ ଚାହାଁନ୍ତି ଆମକୁ ଅଲଗା କରିବା ପାଇଁ। ଆମ ଲୋକାଲ ଲୋକ ଭିତରେ ଫାଟ ସୃଷ୍ଟି କରି ବାହାର ଲୋକ ରାଜନୀତି କରିବାକୁ ଚାହୁଁଥିଲେ।

**?** ଆପଣ ବିଜେଡ଼ିରୁ ନିଲମ୍ବିତ ହୋଇଛନ୍ତି। ଚର୍ଚ୍ଚା ହେଉଛି ଆପଣ ବିଜେପିକୁ ଯିବେ।

ମୁଁ କିଛି ଲୁଚାଇବାକୁ ଚାହେଁନି। ବିଜେଡ଼ି କାହିଁକି ନିଲମ୍ବିତ କଲା, ମୁଁ ଚର୍ଚ୍ଚା କରିବାକୁ ଚାହୁଁନି। ଲୋକାଲ ବିଜେପି ସହିତ ମୋର ବହୁ ପୁରୁଣା ସମ୍ପର୍କ ରହିଛି। ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଅପରାଜିତା ଷଡ଼ଙ୍ଗୀ, ପ୍ରିୟଦର୍ଶୀ ମିଶ୍ର, ଗୋଲକ ମହାପାତ୍ରଙ୍କ ସହ ମୋର ବହୁ ପୂର୍ବରୁ ସମ୍ପର୍କ ଅଛି। ଏମିତିବି ସବୁ ଦଳର ନେତାଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ଲୋକଙ୍କ କାମ ପାଇଁ ମୁଁ ସେମାନଙ୍କ ସହଯୋଗ ଲୋଡ଼େ। ବ୍ୟକ୍ତିଗତ ଭାବେ ବାବୁ ସିଂ, ଜଗନ୍ନାଥ ପ୍ରଧାନ ମୋତେ ବହୁତ ସହଯୋଗ କରିଛନ୍ତି। ମୋ ଖରାପ ସମୟରେ ମୋ ସହ ଠିଆ ହୋଇଥିଲେ। ମୁଁ ନିଲମ୍ବିତ ହୋଇଥିବାରୁ ବିଜେଡ଼ି କୌଣସି କାର୍ଯ୍ୟକ୍ରମରେ ମୋତେ ଖୋଜୁନାହାନ୍ତି। ମୁଁ ବି ଯିବାକୁ ଚାହୁଁନି। ତଥାପିବି କିଛି ବରିଷ୍ଠ ବିଜେଡ଼ି ନେତାଙ୍କ ସହ ମୁଁ କଥା ହୁଏ।

**ମୋ ରାଜନୀତିକ ସ୍ୱାସ୍ଥ୍ୟ ଭଲ ନାହିଁ**

**?** ଅନନ୍ତ ଜେନାଙ୍କ ସହ କଥା ହୁଅନ୍ତି ନା ନାହିଁ?

ସଭାସମିତିରେ ମୋର ତାଙ୍କର ପ୍ରାୟତଃ ଦେଖା ସାକ୍ଷାତ ନଥାଏ। କିଛି ବିବାହ ବ୍ରତରେ ତାଙ୍କର ମୋର ଥରେ ଅଧେ ଦେଖାହୋଇଛି। ମୋର ନିୟମ ହେଲା, ଆଗ ଲୋକ ମୋତେ ଯେମିତି ମର୍ଯ୍ୟାଦା କି ସମ୍ମାନ ଦିଏ, ମୁଁ ତାହାର ଦିଗୁଣା ସମ୍ମାନ ଦିଏ।

**?** ୨୦୨୭ରେ ଅମରେଶ ଜେନାଙ୍କ ଚିହ୍ନ ବଦଳିବ କି ?

ଆଗକୁ କ'ଣ ହେବ, ମୁଁ ଜାଣେନା। ମୁଁ ବ୍ୟକ୍ତିଗତ ସଂଗଠନ ଜାରିରଖିଛି। ୱି ଫର ଭୁବନେଶ୍ୱର ଜରିଆରେ ମୁଁ ସାମାଜିକ କାମ କରେ। ଯେଉଁ ଦଳ ଠିକ୍ ଭାବେ ଲୋକଙ୍କ କାମ କରିବ, ମୁଁ ସେଇ ଦଳ ସହ ଯିବି। ମହାନଗର ନିଗମ ନିର୍ବାଚନ ବେଳେ କ'ଣ ହେବ ସେହି ସମୟକୁ ହିଁ ଅପେକ୍ଷା କରିଛି।

**ଯେଉଁ ଦଳ ଲୋକଙ୍କ କାମ କରିବ, ମୁଁ ସେଇ ଦଳରେ କାମ କରିବି**

**?** ଭୁବନେଶ୍ୱର ବିକାଶକୁ ନେଇ କ'ଣ କହିବେ ?

ଦେଖନ୍ତୁ ଭୁବନେଶ୍ୱରକୁ ଯିଏ ପୂର୍ବରୁ ଦେଖିଥିଲା, ସେ କହିପାରିବ ବିକାଶ କେମିତି ହୋଇଛି। ଛୋଟ ରାସ୍ତା ଥିଲା, ରାତିରେ ଲାଇଟ୍ ନଥିବାରୁ ଲୋକେ ଯିବାକୁ ଡରୁଥିଲେ। ଏବେ ତ ଭୁବନେଶ୍ୱରର ପରିସୀମା ୫୦ କିଲୋମିଟର ବ୍ୟାପ୍ତ ହେଲାଣି। ଜମି ଗୁଣ୍ଠ ୫ ଶହ ଥିଲା। ଏବେ ୫୦ ଲକ୍ଷ ଛୁଇଁଲାଣି। ନବୀନ ବାବୁ ବହୁତ କିଛି ବିକାଶ କରିଛନ୍ତି। ୨୦୧୯ରୁ ବହୁ ବିକାଶମୂଳକ କାର୍ଯ୍ୟ ହୋଇଥିଲା। ଦି ବର୍ଷ ହେଲା କାମ ମାନ୍ଦା ଥିଲା। କିନ୍ତୁ ଆଗକୁ ବହୁ ବଡ଼ ବଡ଼ ଯୋଜନା କାର୍ଯ୍ୟକାରୀ କରିବାକୁ ବିଏମସି ଯୋଜନା କରିଛି। ଭୁବନେଶ୍ୱର-କଟକ-ପୁରୀ ମେଟ୍ରୋ ଟ୍ରେନ୍ ପାଇଁ ବି ଆଲୋଚନା ହେଉଛି। ହେଲେ ଆଗାମୀ ଦିନରେ ଭୁବନେଶ୍ୱର କିନ୍ତୁ ପୂରା କଂକ୍ରିଟ୍ ଜଙ୍ଗଲ ହୋଇଯିବ। ତେଣୁ ଆମେ ନିଜସ୍ୱ ଉଦ୍ୟମରେ ବୃକ୍ଷରୋପଣ ଉପରେ ବି ଧ୍ୟାନ ଦେଉଛୁ।

**?** ଯଦି ସିଧାସଳଖ ମେୟର ନିର୍ବାଚନ ହୁଏ, ଆପଣ ଲଢ଼ିବେ ?

ମୁଁ ସେକଥା ଚିନ୍ତା କରିନି। ମୁଁ ଲୋକଙ୍କ ପାଇଁ କାମ କରିବା ଉପରେ ହିଁ ଧ୍ୟାନ ଦେଉଛି।

**?** ଆପଣ ଅନନ୍ତ ଜେନାଙ୍କ ଭୋଟ୍ କାଟିବାକୁ ଯୋଜନା କରିଥିଲେ? ସେ ଆପଣଙ୍କୁ ବିପଦ ବୋଲି ଭାବନ୍ତି କି ?

ଆମ ଅଞ୍ଚଳର ବହୁ ଭୋଟ୍ ଜଗନ୍ନାଥ ପ୍ରଧାନଙ୍କୁ ଯାଇଥିଲା। ତେବେ ଯେତିକି ଭାବିଥିଲୁ, ସେତିକି ଭୋଟ୍ ସେ ପାଇନଥିଲେ। ତାଙ୍କ ଦଳ ଭିତରେ ସମସ୍ୟା ରହିଥିଲା। କିଛି ଲୋକ ତାଙ୍କ ବିରୋଧରେ ଯାଇଥିଲେ। ଗାଏମୋଟ୍ କହିଲେ ନିଜ ଦଳ ପାଇଁ ସେ ହାରି ଯାଇଥିଲେ। ଆଉ ରହିଲା ଅନନ୍ତ ଜେନାଙ୍କ କଥା। ମୋର ତାଙ୍କ ସହ ବ୍ୟକ୍ତିଗତ ବିବାଦ ନାହିଁ। ଲୋକଙ୍କ ସମସ୍ୟାକୁ ନେଇ ମତାନ୍ତର ହୋଇଛି। ତା'ପରେ ରାଜନୀତିକ ଲୋକ ଛାଇକୁ ଦେଖିଲେ ବି ଡରନ୍ତି। ଆଜି କିଛି ଲୋକ ନିଜକୁ ଶ୍ରେଷ୍ଠ ବୋଲି ଭାବିପାରନ୍ତି। କିନ୍ତୁ ସମୟ ବଡ଼ ବଳବାନ।

**ଲବି କରିପାରିଲିନି ବୋଲି ମେୟର ହୋଇ ପାରିଲିନି**

**?** ୨୦୨୯ ମଧ୍ୟ ଭୁବନେଶ୍ୱର ରାଜନୀତି କେଉଁ ଦିଗକୁ ଯିବ ?

ଲୋକେ ଏଥର ଭଲ ଲୋକ, କାମ କରୁଥିବା ଲୋକଙ୍କୁ ହିଁ ପସନ୍ଦ କରିବେ। ମଧ୍ୟ ନିର୍ବାଚନ ମଣ୍ଡଳୀରେ ଅନେକ ବସ୍ତି ରହିଛି। ମୁଁ କର୍ପୋରେଟର ଥିବାବେଳେ କାମ କରିବା ପାଇଁ ବହୁ ପ୍ରୟାସ କରିଥିଲି। ଏବେ କେତେକ ଅଞ୍ଚଳକୁ ପାଣି ମିଳୁନି। ଅବଶ୍ୟ ଆଗକୁ ବସ୍ତିବାସିନ୍ଦାଙ୍କ ଜୀବନଶୈଳୀ ବଦଳିଯିବ। ବିଶେଷକରି ବସ୍ତିକୁ ଘର ଦିଆଯାଉଛି। ଯେଉଁଥିପାଇଁ ଭୁବନେଶ୍ୱର-ମଧ୍ୟ ରାଜନୀତି ବି ବଦଳିଯିବ।

**?** ଭୁବନେଶ୍ୱର ବିଜେପିରେ ଚେରକଟା ରାଜନୀତି ଚାଲିଛି। ସାଂସଦ ଓ ଅନ୍ୟ ଗୋଷ୍ଠୀ ଭିତରେ ଶୀତଳଯୁଦ୍ଧ ଚାଲିଛି। ଏହାକୁ କେମିତି ଦେଖୁଛନ୍ତି ?

ମୁଁ ଜାଣିନି କିଏ କାହାର ଚେର କାଟୁଛି। ଅପରାଜିତା ଷଡ଼ଙ୍ଗୀ ଓ ଜଗନ୍ନାଥ ପ୍ରଧାନ ମୋ ଅଞ୍ଚଳରେ ମିଶି କ୍ୟାମ୍ପେନ କରିଛନ୍ତି। ମୁଁ ଦିଜଣଙ୍କ ମୁହଁରୁ କେବେ କାହା ବିରୋଧରେ କହିବା ମୁଁ ଶୁଣିନି। ଏମିତି ଦେଖିଲେ ସବୁ ଦଳରେ ଗୋଷ୍ଠୀକନ୍ଦଳ ବାଡ଼ିଆପିଟା ଚାଲିଛି।

**?** ଆପଣ କେବେ ବିଜେପିରେ ମିଶିବେ ? ମାହେନ୍ଦ୍ରବେଳା ବାହାର କଲେଣି ?

ଦେଖନ୍ତୁ ସେନେଇ ମୁଁ କିଛି କହିବିନି। କିନ୍ତୁ ମୁଁ ଯେତେବେଳେ କିଛି ନିଷ୍ପତ୍ତି ନେବି ଗୁପ୍ତରେ ନୁହେଁ। ଢୋଲପିଟିକି ଜଣାଇବି। ମହାନଗର ନିଗମ ନିର୍ବାଚନରେ ଭୁବନେଶ୍ୱର ରାଜନୀତିକ ଦୃଶ୍ୟପଟ୍ଟ ବଦଳିବ।

**ବିଏମସି ନିର୍ବାଚନରେ ଭୁବନେଶ୍ୱର ରାଜନୀତି ବଦଳିବ**

**?** ଆପଣଙ୍କୁ ଯଦି କାଲି ବିଜେଡ଼ି ଥୋପ ଦିଏ, ତେବେ ପୁଣି ବିଜେଡ଼ିରେ ରହି କାମ କରିବେ କି?

ବିଗତ ଦିନରେ ମୁଁ ବହୁତ ଥୋପ ଖାଇଛି। ଥୋପ ଖାଇଖାଇ ତଣ୍ଟି କଣା ହୋଇଯାଇଛି। ଆଉ ଥୋପ ଗିଳିବାର ନାହିଁ। ସମସ୍ତେ ବିଶ୍ୱାସଘାତକତା କରିଛନ୍ତି। ଆଉ କାହା କଥାରେ ଭରସା ହିଁ ନାହିଁ। ଆମ କାମ ଓ ଲୋକଙ୍କ ସେବା ପାଇଁ ଗୋଟିଏ ଦଳ ନିର୍ଦ୍ଧାରଣ କରିବାକୁ ପଡ଼ିବ।

**?** ଭୁବନେଶ୍ୱରକୁ କି ବାର୍ତ୍ତା ଦେବେ ?

ଭୁବନେଶ୍ୱରର ବଡ଼ ସମସ୍ୟା ହେଉଛି ନିଶା। ଏବେ ଛକ ଛକରେ ନିଶା ବଢ଼ିଚାଲିଛି। ଯେଉଁ ନେତା ଯୁବକଙ୍କ ପାଇଁ କାମ କରିବ, ନିଶା ନିବାରଣ ଦିଗରେ କାମ କରିବ ତାଙ୍କ ପ୍ରତି ଜନସମର୍ଥନ ବୃଦ୍ଧିପାଇବ। ଆଗାମୀ ଦିନରେ ଭୁବନେଶ୍ୱରର ବିକାଶକୁ ନେଇ ଆମେ ବୌଦ୍ଧିକ ଆଲୋଚନା କରିବାର ଲକ୍ଷ୍ୟ ରଖିଛି।

ଗର୍ବିତ ଓଡ଼ିଆ

# ସଂସଦର ୧୬ ଦିନ, ୬ ବିଲ୍

# ଶାସକ-ବିରୋଧୀ ଛକାପଞ୍ଝା



**ପର୍ଶୁରାମ ଦାସ**
ସମ୍ପାଦକ, ପୂର୍ବପକ୍ଷ

ଦେଶର ରାଜନୀତିରେ ଏବେ ଏକ ବଡ଼ ହଲଚଲ୍ ଦେଖିବାକୁ ମିଳିଛି। ସଂସଦର ମୌସୁମୀ ଅଧିବେଶନ ଆସନ୍ତା ସୋମବାରଠାରୁ ଆରମ୍ଭ ହୋଇଛି। ମାତ୍ର ୧୬ ଦିନର ଏହି ଅଧିବେଶନ। କିନ୍ତୁ ଏହି କମ୍ ସମୟ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଏଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ବିଲ୍ ଆଣିବାକୁ ଯାଉଛନ୍ତି, ଯାହାକୁ ନେଇ ବିରୋଧୀ ଶିବିରରେ ଏବେଠାରୁ ଆତଙ୍କ ଖେଳିଯାଇଛି।

ଆଶ୍ଚର୍ଯ୍ୟର କଥା ହେଉଛି, ସରକାର ଏହି ବିଲ୍‌ଗୁଡ଼ିକ ବିଷୟରେ ଆନୁଷ୍ଠାନିକଭାବେ ଘୋଷଣା କରିବା ପୂର୍ବରୁ ହିଁ କଂଗ୍ରେସ ପାର୍ଟି ନିଜେ ସାମ୍ବାଦିକ ସମ୍ମିଳନୀ କରି ଏହି ୬ ବିଲ୍ ବିଷୟରେ ଦେଶକୁ ଜଣାଇଛି ଏବଂ ଏହାକୁ ବିରୋଧ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ସୋନିଆ ଗାନ୍ଧୀଙ୍କ ବାସଭବନରେ କଂଗ୍ରେସ ସାଂସଦମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବା ପରେ ଏହି ବିରୋଧର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କିନ୍ତୁ ପ୍ରଶ୍ନ ଉଠୁଛି, ମୋଦୀ ସରକାରଙ୍କ ପାଖରେ ବିଲ୍ ପାସ୍ କରାଇବା ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ବା ନମ୍ବର ଗେମ୍ ଅଛି ତ? ଏବଂ ଏହି ୬ଟି ବିଲ୍ କାହିଁକି ଦେଶର ରାଜନୀତି ଏବଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇ ଦେବ?

## ଏକ ଦେଶ, ଏକ ନିର୍ବାଚନ

ସବୁଠାରୁ ବଡ଼ ଖବର ହେଉଛି 'ୱାନ୍ ନେସନ୍ ୱାନ୍ ଇଲେକ୍ସନ୍'କୁ ନେଇ। ସଂସଦୀୟ ସ୍ଥାୟୀ ସମିତିର ଅଧକ୍ଷ ପିପି ଚୌଧୁରୀ ଏକ ବଡ଼ ତଥ୍ୟ ଦେଇଛନ୍ତି। ନିର୍ବାଚନ କମିଶନ ସମିତିକୁ ସ୍ପଷ୍ଟ କରିଛନ୍ତିଯେ, ଯଦି ନିର୍ବାଚନର ମାତ୍ର ୬ ମାସ ପୂର୍ବରୁ ମଧ ଦେଶରେ ଏହି ଆଇନ ପ୍ରଣୟନ ହୁଏ, ତେବେ ନିର୍ବାଚନ କମିଶନ ସମଗ୍ର ଦେଶରେ ଲୋକସଭା ଏବଂ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଏକାସଙ୍ଗେ କରାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରାୟ ୩୦ରୁ ୩୧ଟି ନିର୍ବାଚନ ଏକାଠି ହେବ।

ଏଥିପାଇଁ କୌଣସି ବଡ଼ ବୈଷୟିକ ସମସ୍ୟା ନାହିଁ। କେବଳ ଇଭିଏମ୍ ମେସିନ୍ ଏବଂ ମାନବ ସମ୍ବଳର ସଂଖ୍ୟା ବଢ଼ାଇବାକୁ ପଡ଼ିବ। ସୁରକ୍ଷା କର୍ମୀ ଏବଂ ରିଟର୍ଣ୍ଣିଂ ଅଫିସର ସେହିମାନେ ହିଁ ରହିବେ। ସମ୍ବିଧାନ ବିଶେଷଜ୍ଞଙ୍କ ଅନୁସାରେ ଏହା ସମ୍ପୂର୍ଣ୍ଣ ସାମ୍ବିଧାନିକ। ଯଦି ଏହି ବିଲ୍ ଚଳିତ ଅଧିବେଶନ କିମ୍ବା ଆସନ୍ତା ବର୍ଷ ମଧ ପାସ୍ ହୋଇଯାଏ, ତେବେ ୨୦୨୯ ମସିହାରେ ସାରା ଦେଶରେ ଏକାସଙ୍ଗେ ନିର୍ବାଚନ ହେବା ନିଶ୍ଚିତ। କିନ୍ତୁ ବିରୋଧୀ ଏହାକୁ ଗଣତନ୍ତ୍ର ବିରୋଧୀ କହି ବିରୋଧ କରୁଛନ୍ତି।

## ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସଂଶୋଧନ

ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଏକ ବଡ଼ ସଂସ୍କାର ଆଣିବାକୁ ଯାଉଛନ୍ତି। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଗୋଟିଏ ପରିବାରକୁ ୩୫ କିଲୋଗ୍ରାମ ମାଗଣା ଶସ୍ୟ ମିଳୁଛି, ଯେଉଁଥିରେ ପରିବାରର ସଦସ୍ୟ ସଂଖ୍ୟାକୁ ଗଣନା କରାଯାଉ ନାହିଁ। ଫଳରେ ଦୁଇ ଜଣିଆ ପରିବାର ମଧ ୩୫ କିଲୋ ପାଉଛନ୍ତି ଏବଂ ୭ ଜଣିଆ ପରିବାର ମଧ ସେତିକି ପାଉଛନ୍ତି। ଏବେ ସରକାର ଏହାକୁ 'ପ୍ରତି ବ୍ୟକ୍ତି' ବ୍ୟବସ୍ଥା ସହ ଯୋଡ଼ିବାକୁ ଯାଉଛନ୍ତି। ଅର୍ଥାତ୍ ପ୍ରତି ବ୍ୟକ୍ତି ପିଛା ୭ କିଲୋଗ୍ରାମ ରାସନ ମିଳିବ, ଯାହା ସର୍ବାଧିକ ୩୫ କିଲୋ ପର୍ଯ୍ୟନ୍ତ ସୀମିତ ରହିବ।

ଏହାଦ୍ୱାରା ଖାଦ୍ୟଶସ୍ୟର କଳାବଜାରୀ ଏବଂ ଅପଚୟ ରୋକାଯାଇପାରିବ। କିନ୍ତୁ କଂଗ୍ରେସ ଏହାକୁ ମଧ ବିରୋଧ କରୁଛି। ଦକ୍ଷିଣ ଭାରତର କିଛି ରାଜ୍ୟ ଯେଉଁମାନେ ଜନସଂଖ୍ୟା ନିୟନ୍ତ୍ରଣ କରିଛନ୍ତି, ସେମାନଙ୍କର ଅଭିଯୋଗଯେ, ଏହାଦ୍ୱାରା ସେମାନଙ୍କ ରାଜ୍ୟକୁ କମ୍ ଖାଦ୍ୟଶସ୍ୟ ମିଳିବ। ସରକାରଙ୍କ ଯୁକ୍ତି ହେଉଛି, ଏହି ଯୋଜନା ରାଜ୍ୟ ପାଇଁ ନୁହେଁ, ବରଂ ଦେଶର ପ୍ରତ୍ୟେକ ଗରିବ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ।

## ଏଫସିଆରଏ ସଂଶୋଧନ ବିଲ୍

ବିଦେଶରୁ ଆସୁଥିବା ପାଣ୍ଠି ବା ଚାନ୍ଦା ଉପରେ ସରକାର ନଜର ରଖିବା ପାଇଁ ଏହି ଆଇନକୁ ଅଧିକ କଡ଼ାକଡ଼ି କରୁଛନ୍ତି। ଆମ ଗୃହମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଜରିଆରେ ବିଦେଶୀ ପାଣ୍ଠି ପାଉଥିବା ଏନଜିଓ ଏବଂ ଟ୍ରଷ୍ଟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ କରିବାକୁ ଚାହୁଁଛନ୍ତି।

ଅନେକ ସମୟରେ ବିଦେଶରୁ ସାମାଜିକ କାର୍ଯ୍ୟ, ସ୍କୁଲ୍ କିମ୍ବା ମେଡିକାଲ୍ ନାମରେ ଟଙ୍କା ଆସିଥାଏ, କିନ୍ତୁ ଗୁପ୍ତଚର ରିପୋର୍ଟ ଅନୁସାରେ, ସେହି ଟଙ୍କାକୁ ଭାରତରେ ବେଆଇନ ଧର୍ମାନ୍ତରୀକରଣ କିମ୍ବା ଦେଶବିରୋଧୀ ଆନ୍ଦୋଳନ ପାଇଁ ବ୍ୟବହାର କରାଯାଉଛି। ନେପାଳରେ ହୋଇଥିବା ନିକଟତର ଆନ୍ଦୋଳନରେ ମଧ ଆମେରିକାରୁ ଆସିଥିବା ଅଜ୍ଞାତ ଫଣ୍ଡର ପ୍ରମାଣ ମିଳିଛି। ଆମେରିକାର କିଛି ସାଂସଦ ମଧ ଏହି ବିଲ୍‌କୁ ରୋକିବା ପାଇଁ ଭାରତ ଉପରେ କୂଟନୈତିକ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ସରକାର ସ୍ପଷ୍ଟ କରିଛନ୍ତି ଯେ ଧର୍ମ ପ୍ରଚାରରେ କୌଣସି ଆପତ୍ତି ନାହିଁ, କିନ୍ତୁ ବିଦେଶୀ ଟଙ୍କାରେ ଧର୍ମାନ୍ତରୀକରଣ କିମ୍ବା ଅଶାନ୍ତି ସୃଷ୍ଟି କରିବାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ।

## ୧୩୦ ତମ ସମ୍ବିଧାନ ସଂଶୋଧନ ବିଧେୟକ

ଏହି ବିଲ୍‌କୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି। ଏହି ଆଇନ ଅନୁଯାୟୀ, ଯଦି କୌଣସି ଜନପ୍ରତିନିଧି- ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ, ମୁଖ୍ୟମନ୍ତ୍ରୀ ହୁଅନ୍ତୁ, କେନ୍ଦ୍ର ମନ୍ତ୍ରୀ ହୁଅନ୍ତୁ ବା ରାଜ୍ୟ ମନ୍ତ୍ରୀ- କୌଣସି ଗମ୍ଭୀର ଅପରାଧିକ ମାମଲାରେ ୩୦ ଦିନରୁ ଅଧିକ ସମୟ ଧରି ପୋଲିସ କିମ୍ବା କୌଣସି କେନ୍ଦ୍ରୀୟ ଏଜେନ୍ସିର ହେପାଜତରେ ବା ଜେଲ୍‌ରେ ରୁହନ୍ତି, ତେବେ ସେ ନିଜ ପଦରେ ରହିପାରିବେ ନାହିଁ। ସେ ସ୍ୱତଃ ନିଜ ପଦରୁ ନିଲମ୍ବିତ ହୋଇଯିବେ।

ତେବେ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବାପରେ ପୁଣି ପଦ ଫେରିପାଇବେ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲ୍ ଯିବା ପରେ ଜେଲରୁ ସରକାର ଚଳାଇବାକୁ ନେଇ ଯେଉଁ ସାମ୍ବିଧାନିକ ସଙ୍କଟ ଦେଖାଦେଇଥିଲା, ଏହାକୁ ରୋକିବା ପାଇଁ ସରକାର ଏହି ଐତିହାସିକ କଦମ ଉଠାଇଛନ୍ତି।

## ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍

ସଂସଦରେ ମହିଳାମାନଙ୍କୁ ସଂରକ୍ଷଣ ଦେବା ଏବଂ ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁନଃନିର୍ଦ୍ଧାରଣ କରିବା ପାଇଁ ସରକାର ଏହି ଦୁଇଟି ବିଲ୍ ଆଣୁଛନ୍ତି। ବର୍ତ୍ତମାନ ଦେଶରେ ଅନେକ ଲୋକସଭା ଆସନ ଅଛି, ଯେଉଁଠାରେ ଜନସଂଖ୍ୟା ୨୦ ଲକ୍ଷରୁ ଅଧିକ ଏବଂ କିଛି ଆସନ ୬ଟି ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପିଛି। ଏଭଳି ପରିସ୍ଥିତିରେ ଜଣେ ସାଂସଦଙ୍କ ପାଇଁ ନିଜ ଅଞ୍ଚଳର ବିକାଶ କରିବା କଷ୍ଟକର ହେଉଛି। ତେଣୁ ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ସମୟର ଆହ୍ୱାନ। କଂଗ୍ରେସ ଅଭିଯୋଗ କରୁଛିଯେ, ବିଜେପି ନିଜ ରାଜନୈତିକ ଫାଇଦା ପାଇଁ ଏହି ମାନଚିତ୍ର ବଦଳାଉଛି। କିନ୍ତୁ ଏହି ବିଲ୍ ପାଇଁ ବିରୋଧୀ ମେଣ୍ଟର ଅନ୍ୟ ସହଯୋଗୀ ଦଳ ଯେପରିକି ଏନସିପି ଶରଦ ପାୱାର ଗୋଷ୍ଠୀ, ଡିଏମକେ ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ସରକାରଙ୍କୁ ସମର୍ଥନ କରିପାରନ୍ତି, ଯାହା କଂଗ୍ରେସକୁ ଏକାକୀ କରିଦେବ।

ପୂର୍ବରୁ ଏହି ବିଲ୍ ବେଳେ ଏନଡିଏ ପାଖରେ ୨୯୮ ଭୋଟ୍ ଥିଲା। କିନ୍ତୁ ଏବେ ଯଦି ଟିଏମସିର ୨୦, ଡିଏମକେର ୨୨, ଉଦ୍ଧବ ଠାକରେଙ୍କ ଶିବସେନାର ବାକି ଥିବା ସାଂସଦ ଏବଂ ଶରଦ ପାୱାରଙ୍କ ୮ ସାଂସଦ ସରକାରଙ୍କୁ ସମର୍ଥନ କରନ୍ତି, ତେବେ ସରକାରଆବଶ୍ୟକୀୟସଂଖ୍ୟା ହାସଲରେସମର୍ଥହୋଇପାରିବେ। ଏପରିକି ଉଦ୍ଧବ ଗୋଷ୍ଠୀର ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ମଧ ସୋସିଆଲ ମିଡିଆରେ ସୀମା ନିର୍ଦ୍ଧାରଣ ବିଲ୍ ସପକ୍ଷରେ ନିଜର ବ୍ୟକ୍ତିଗତ ମତ ରଖିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛିଯେ, ବିରୋଧୀ ମେଣ୍ଟର ଅନେକ ଦଳ ସଂସଦରେ କଂଗ୍ରେସକୁ ଏକାକୀ ଛାଡ଼ି ସରକାରଙ୍କ ସହ ଯିବାକୁ ପ୍ରସ୍ତୁତ ହେଉଛନ୍ତି।

କଂଗ୍ରେସ କେବଳ ଏହି ବିଲ୍‌ଗୁଡ଼ିକୁ ବିରୋଧ କରୁନାହିଁ, ବରଂ ସଂସଦରେ ସରକାରଙ୍କୁ ଘେରିବା ପାଇଁ ଆଉ କେତେକ ମୁଦ୍ଦା ପ୍ରସ୍ତୁତ କରିଛି। ସେଗୁଡ଼ିକ ହେଲା- ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ, ନିଟ୍ ପରୀକ୍ଷା ବିପର୍ଯ୍ୟୟ, ଇ-୨୦ ପେଟ୍ରୋଲ୍ ନୀତି ଏବଂ ଦୁର୍ବଳ ବୈଦେଶିକ ନୀତି। ଏନେଇ ବି ସରକାର ଓ ବିରୋଧୀ ମୁହାଁମୁହିଁ ହେବା ନିଶ୍ଚିତ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

**ବେଗୁନିଆ ରାଜନୀତି**

# ତେଜୁଛି ନୂଆ-ପୁରୁଣା ବିଜେଡ଼ି ବିବାଦ

ବେଗୁନିଆ ବ୍ଲକ ହେଉକି ବୋଲଗଡ଼ ବ୍ଲକ, ଏବେ ସେଠାରେ ନୂଆ ପୁରୁଣା ବିଜେଡ଼ି ବିବାଦ ଘନେଇବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ଶୀତଳଯୁଦ୍ଧ ବି ସେତିକି ବଢ଼ିବାରେ ଲାଗିଛି । ବିଶେଷକରି ପୁରୁଣା ବିଜେଡ଼ି ନେତାମାନେ ପତିଆରା ଜାହିର କରିବାକୁ ଏକାଠି ହୋଇଛନ୍ତି । ବିଭିନ୍ନ ପଞ୍ଚାୟତରେ ପୁରୁଣା ବିଜେଡ଼ି ନେତାଙ୍କୁ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ କରିବାକୁ ବିଧାୟକଙ୍କ ଉପରେ ଚାପ ବି ବଢ଼ିବାରେ ଲାଗିଛି । ଏମିତିକି ଆମକୁ ସରପଞ୍ଚ କି ସମିତିସଭ୍ୟ ପ୍ରାର୍ଥୀ ନକଲେ ଆମେ ବିଜେପି ସହ ହାତ ମିଳାଇବୁ ବୋଲି କେତେକ ନେତା ବିଧାୟକଙ୍କୁ ଚେତାବନୀ ଆଳରେ ବ୍ଲାକମେଲିଂ ବି ଆରମ୍ଭ କରିଦେଇଛନ୍ତି । ଅପରପକ୍ଷରେ ନୂଆ-ପୁରୁଣା ବିଜେଡ଼ି ନେତାଙ୍କୁ ଏକାଠି କରିବାକୁ ବିଧାୟକ ପ୍ରଦୀପ ସାହୁ ଝାଳନାଳ ହୋଇ ଅଙ୍କ କଷିବାରେ ଲାଗି ପଡ଼ିଛନ୍ତି ।

## ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ଶଙ୍ଖ ଧରିଥିଲେ ପ୍ରଦୀପ

୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ବର୍ତ୍ତମାନର ବିଧାୟକ ପ୍ରଦୀପ ସାହୁ ଶଙ୍ଖ ଧରିଥିଲେ। ସେତେବେଳେ ବିଧାୟକ ଥିଲେ ରାଜେନ୍ଦ୍ର ସାହୁ । ସେହି ସମୟରେ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉଭୟ ଗୋଟିଏ କାରରେ ସାଙ୍ଗ ହୋଇ ବୁଲିଥିଲେ । ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଏକାଠି ପ୍ରଚାର କରିଥିଲେ । ହେଲେ ମୂଳ ବିଜେଡ଼ି ଓ କଂଗ୍ରେସରୁ ବିଜେଡ଼ି ପାଲଟିଥିବା ନେତାମାନେ କିନ୍ତୁ ସେତେବେଳେ ଅଲଗା ଅଲଗା ନିର୍ବାଚନ ଲଢ଼ିଥିଲେ । ଉଭୟ ପ୍ରଦୀପ-ରାଜେନ୍ଦ୍ର ସରପଞ୍ଚ କି ସମିତିସଭ୍ୟ ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଚାର କରିନଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ବେଗୁନିଆ-ବୋଲଗଡ଼ର ସବୁ ଜିଲ୍ଲା ପରିଷଦ ପ୍ରାର୍ଥୀ ବିପୁଳ ଭୋଟ୍‌ରେ ଜିତିଥିଲେ। କିନ୍ତୁ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ବେଳେ ରାଜେନ୍ଦ୍ର-ପ୍ରଦୀପ ମୁହାଁମୁହିଁ ହୋଇଥିଲେ । ବେଗୁନିଆରେ ପ୍ରଦୀପ ସାହୁଙ୍କ ସମର୍ଥିତ ଲକ୍ଷ୍ମୀଧର ସୁବୁଦ୍ଧି ବ୍ଲକ ଅଧ୍ୟକ୍ଷ ହୋଇଥିବାବେଳେ ଉପାଧ୍ୟକ୍ଷ ହୋଇଥିଲେ ସାବିତ୍ରୀ ମହାପାତ୍ର। ସେହିପରି ବୋଲଗଡ଼ରେ ରାଜେନ୍ଦ୍ରଙ୍କ ସମର୍ଥିତ ହୁଲ୍ଲାସ ପ୍ରଧାନ ବ୍ଲକ ଅଧ୍ୟକ୍ଷା ହୋଇଥିବାବେଳେ ରମେଶ ଚନ୍ଦ୍ର ସାହୁ ହୋଇଥିଲେ ବ୍ଲକ ଉପାଧ୍ୟକ୍ଷ । ଅବଶ୍ୟ ୨୦୨୪ ନିର୍ବାଚନ ବେଳେ ସମସ୍ତେ ପ୍ରଦୀପ ସାହୁଙ୍କ ସହ ଯାଇଥିଲେ ।

## ୨୦୨୭ରେ ପତିଆରା ଲଢ଼େଇ

ପ୍ରଦୀପ ସାହୁ ଶଙ୍ଖ ଫୁଙ୍କିଥିଲେବି ଏବେବି ମୂଳ ବିଜେଡ଼ି ଓ କଂଗ୍ରେସରୁ ବିଜେଡ଼ି ପାଲଟିଥିବା ନେତାଙ୍କ ଭିତରେ ପତିଆରା ଲଢ଼େଇ ଚାଲିଛି । ବିଧାୟକଙ୍କ ସାଙ୍ଗେ ସାଙ୍ଗ ହୋଇ ଚାଲୁଛନ୍ତି, ଏକାଠି ବସାଉଠା କରୁଛନ୍ତି ହେଲେ ପରସ୍ପର ଗୋଷ୍ଠୀର ଚେର କଟା ପାଇଁ ଷଡ଼ଯନ୍ତ୍ର ବି ଚାଲିଛି । ପ୍ରଦୀପ ବିଧାୟକ ହେବାପରେ ସ୍ୱାଭାବିକ ଭାବେ ତାଙ୍କ ଗୋଷ୍ଠୀର ଦବଦବା ବଢ଼ିଛି । ହେଲେ ମୂଳ ବିଜେଡ଼ି ଗୋଷ୍ଠୀ ସବୁ ଏକାଠି ହୋଇ 'ପ୍ରେସର ଷ୍ଟ୍ରାଟେଜୀ' ବା ଚାପ



ରଣନୀତି ଜାରି ରଖିଛନ୍ତି । ମୂଳ ବିଜେଡ଼ି ଗୋଷ୍ଠୀ ଏଥର କିଭଳି ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବେ ସେନେଇ ଅଙ୍କ କଷୁଥିବାବେଳେ ଦିଇଟା ଯାକ ବ୍ଲକରେ ନିଜ ଲୋକଙ୍କୁ ଅଧ୍ୟକ୍ଷ କରିବାକୁ ପ୍ରଦୀପ ବି ଭିତିରିଆ ରଣନୀତି କରିଛନ୍ତି ।

## ଚକମା ଦେବା ଅପେକ୍ଷାରେ ବିଜେପି

ବିଜେଡ଼ିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଫାଟ ରହିଛି । ପଞ୍ଚାୟତ ନିର୍ବାଚନ ବେଳେ ନିଶ୍ଚିତ ଭାବେ ଗୋଟିଏ ଗୋଷ୍ଠୀ ବିଜେପି ସହ ବୁଝାମଣା କରିବେ। ଏହାକୁ ଆଖିଆଗରେ ରଖି ବିଜେପି ବି ରଣନୀତି କରିଛି । ସମ୍ପ୍ରତି ବିଭିନ୍ନ ପଞ୍ଚାୟତରେ କିଏ ପ୍ରାର୍ଥୀ ହେବେ ସେନେଇ ପ୍ରକାଶ ବିଜୁଳି ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ଗୋଟିଏ ସମୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବେଗୁନିଆ ରାଜନୀତିରେ ସକ୍ରିୟ ଥିଲେ। ଏବେ କିନ୍ତୁ କେବଳ ପ୍ରକାଶଙ୍କୁ ହିଁ ଦେଖିବାକୁ ମିଳୁଛି । ସେପଟେ ଯତୀନ ମହାନ୍ତି ମଧ୍ୟ ନିଜ ସମର୍ଥକମାନଙ୍କ ସହ ରାଜଧାନୀରେ ବସି ଅଙ୍କ କଷୁଛନ୍ତି। କିଛି ପଞ୍ଚାୟତରେ ଯତୀନ ନିଜର ପ୍ରାର୍ଥୀ ଦେବେ। ସେହିପରି ଯୁବନେତା ମାନସ ବେହେରା ମଧ୍ୟ କିଛି ପଞ୍ଚାୟତରେ ପ୍ରାର୍ଥୀ ଦେବାକୁ ପ୍ରାରମ୍ଭିକ ଆଲୋଚନା ଆରମ୍ଭ କରିଦେଇଛନ୍ତି। ଅସନ୍ତୁଷ୍ଟ ବିଜେଡ଼ି ନେତାଙ୍କ ଉପରେ ଏବେ ବିଜେପିର ନଜର ରହିଥିବାବେଳେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ସର୍ଭେ ଆରମ୍ଭ କରିଛନ୍ତି । ସେହି ଆଧାରରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅସନ୍ତୁଷ୍ଟ ବିଜେଡ଼ି ନେତାଙ୍କୁ ନିଜ ଆଡ଼କୁ ନେବାପାଇଁ ସେ ବି ରଣନୀତି କରିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଗଣେଶଙ୍କୁ ପାନେ ଦେବା ପାଇଁ ଅନେକ ବିଜେଡ଼ି ନେତା ବିଜେପି ଆଡ଼କୁ ମୁହାଁଇଥିଲେ। ଫଳରେ ଯତୀନ ମହାନ୍ତିଙ୍କ ନେତୃତ୍ୱରେ ବେଗୁନିଆରେ ୩ ଜିଲ୍ଲା ପରିଷଦ ଆସନ ବିଜେପି ହାତେଇ ନେଇଥିଲା। ଆଗାମୀ ଦିନରେ ବିଜେଡ଼ିର ଗୋଷ୍ଠୀକନ୍ଦଳ ବିଜେପିକୁ ସୁହାଇଲେ ଆଶ୍ଚର୍ଯ୍ୟ ହେବାର ନାହିଁ।

## କ'ଣ ରହିଛି କଂଗ୍ରେସ ରଣନୀତି ?

ଏକଦା ବେଗୁନିଆରେ କଂଗ୍ରେସ ପଞ୍ଚାୟତ ନିର୍ବାଚନରେ ପତିଆରା ବିସ୍ତାର କରୁଥିଲା । କିନ୍ତୁ ଏବେ ଆଉ ସେହି ସ୍ଥିତି ନାହିଁ । କୌଣସି ପଞ୍ଚାୟତରେ କଂଗ୍ରେସ ଏକାକୀ ସରପଞ୍ଚ କି ସମିତିସଭ୍ୟ ଜିତିପାରିବ ନାହିଁ । କାହିଁକିନା ଅଧିକାଂଶ ପଞ୍ଚାୟତମାନଙ୍କରେ କଂଗ୍ରେସ ଶହେ ଦେଢ଼ ଶହ ଭୋଟରେ ସୀମିତ ରହିଛି । କିଛି ହାତଗଣତି ପଞ୍ଚାୟତରେ ଦଳର ପାଞ୍ଚ ଶହ ସରିକି ଭୋଟ୍ ରହିଛି । ପୃଥ୍ୱୀବଲ୍ଲଭ ପଟ୍ଟନାୟକ କେବେ ପଞ୍ଚାୟତ ନିର୍ବାଚନ ଉପରେ ଧ୍ୟାନ ହିଁ ଦିଅନ୍ତି ନାହିଁ । ଏମିତିକି ସଂଗଠନ ବି କରିବାକୁ ଉଚିତ୍ ମନେ କରନ୍ତିନାହିଁ । ତେବେ ସଦା ମହାପାତ୍ର ପାଞ୍ଚ ସାତଟି ପଞ୍ଚାୟତରେ ପ୍ରାର୍ଥୀ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଅଙ୍କ କଷୁଛନ୍ତି ।

**ଗୁଣୁପୁର ରାଜନୀତି**

# 'ସାନ' ଧରିଲେ ପଦ୍ମ, ବଡ଼ ହେବ ସଂଗଠନ



ଗୁଣୁପୁର ରାଜନୀତି ଏବେ କଡ଼ ଲେଉଟାଇଛି। ଗୁଣୁପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ (ସାନ) ବିଜେପିରେ ସାମିଲ୍ ହୋଇଛନ୍ତି। ସ୍ୱାଧୀନ ଭାବେ ନିର୍ବାଚନ ଜିଣି ସେ ରାଜନୈତିକ ଗଣିତକୁ ବଦଳାଇପାରନ୍ତି। ତେଣୁ ସାନଙ୍କ ବିଜେପି ଏଣ୍ଟ୍ରି ପରେ ବିଜେପି ସଂଗଠନ କେତେବଡ଼ ହେବ ତାହାକୁ ନେଇ ଆକଳନ ଆରମ୍ଭ ହୋଇଯାଇଛି।


ନିକଟରେ ସାନଙ୍କ ସହ ଗୁଣୁପୁର ପୌରାଧ୍ୟକ୍ଷା ମମତା ଗୌଡ଼, ୧୦ କାଉନସିଲର, ଗୁଣୁପୁର ଓ ଗୁଡ଼ାରି ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ସମିତିସଭ୍ୟ, ଲାମ୍ପସ ସଭାପତିଙ୍କ ସହ ଅନେକ ନେତା ବିଜେପିରେ ମିଶିଥିଲେ। ଏହାଛଡ଼ା ଗୁଣୁପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ଗୁଡ଼ାରୀ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ଶବର ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି। ସାନଙ୍କ ପ୍ରଭାବ କ'ଣ ପଡ଼ିବ ସେ ବିଷୟରେ ଜାଣିବା ପୂର୍ବରୁ ଟିକେ ୨୦୨୪ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ନଜର ପକାଇଦେବା। ୨୦୨୪ରେ ବିଧାୟକ ଭାବେ ଜିଣିଥିଲେ କଂଗ୍ରେସ ନେତା ସତ୍ୟଜିତ ଗମାଙ୍ଗୋ। ସେ ୭୭୬୩୭ ଖଣ୍ଡ ଭୋଟ୍ ପାଇଥିଲେ। ଯେତେବେଳେକି ବିଜେଡ଼ିର ରଘୁନାଥ ଗମାଙ୍ଗୋ ୪୭୭୫୨ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେପି ନେତା ତ୍ରିନାଥ ଗମାଙ୍ଗଙ୍କୁ ୨୧୮୦୮ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସବୁଠାରୁ ବଡ଼ କଥାଟି ହେଉଛି ତ୍ରିନାଥ ୨୦୧୯ରେ ସ୍ୱାଧୀନ ଭାବେ ଠିଆହୋଇ ୨୬ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିବାବେଳେ ୨୦୧୪ରେ ବିଜେଡ଼ିର ବିଧାୟକ ମଧ୍ୟ ଥିଲେ। ସେହିପରି ରଘୁନାଥ ବି ୨୦୧୯ରେ ବିଧାୟକ ଥିଲେ। ଗାଏମୋଟ୍ କହିଲେ ତିନି ଦଳର ନେତା ସତ୍ୟଜିତ, ରଘୁନାଥ ଓ ତ୍ରିନାଥଙ୍କର ବିଧାୟକ ହେବାର ଅଭିଜ୍ଞତା ରହିଛି। ତିନି ଜଣଙ୍କର ଭଲ ସଂଗଠନ ବି ରହିଛି କହିଲେ ଭୁଲ୍ ହେବନାହିଁ।

ଏହି ତିନି ନେତାଙ୍କ ବ୍ୟତୀତ ଗୁଣୁପୁର ରାଜନୀତିରେ ସାନଙ୍କୁ ନେଇ ସବୁବେଳେ ଚର୍ଚ୍ଚା ହୋଇଥାଏ। ୨୦୧୯ ନିର୍ବାଚନ ପରଠାରୁ ତାଙ୍କର ଦବଦବା ବଢ଼ିବାରେ ଲାଗିଛି। ୨୦୨୨ରେ ସେ ଗୁଣୁପୁର ଓ ଗୁଡ଼ାରି ବ୍ଲକକୁ ନିଜ ଅକ୍ତିଆରକୁ ନେବାରେ ସକ୍ଷମ ହୋଇଥିଲେ। ପୌର ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଗୁଣୁପୁର ପୌର ପରିଷଦରେ ଅଧ୍ୟକ୍ଷ, ପୌରାଧ୍ୟକ୍ଷ ସହ ୧୧ କାଉନସିଲରଙ୍କୁ ଜିତାଇ ପାରିଥିଲେ। ଗତ ୨୦୨୪ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଯାହାଫଳରେ କଂଗ୍ରେସର ଭୋଟ୍ ୧୮% ବଢ଼ି ପାରିଥିଲା। ଏଥିରୁ ଗୁଣୁପୁରରେ ସାନଙ୍କର କେତେ ପ୍ରଭାବ ତାହା ସ୍ପଷ୍ଟ ଅନୁମେୟ। ସାନଙ୍କୁ ନେବା ପେରେ ଗୁଣୁପୁରରେ ଦଳ ପଞ୍ଚାୟତ ଓ ପୌର ନିର୍ବାଚନରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ। ଯେଉଁଥିପାଇଁ ତାଙ୍କର ମିଶ୍ରଣ ପର୍ବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିଜେପି ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ପୂର୍ବତନ ସଭାପତି ଶିବ ଉଲାକା, କୋରାପୁଟ ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ମଧ୍ୟ ଉପସ୍ଥିତ ଥିଲେ।

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

**ରିଆମାଳ ରାଜନୀତି**

# କାହାର କେତେ ଦମ୍ ?



ଗୋଟିଏ ଜିଲ୍ଲା, ଗୋଟିଏ ନିର୍ବାଚନମଣ୍ଡଳୀ। ଏମିତି ଏକ ସୌଭାଗ୍ୟ ଦେବଗଡ଼ ଭାଗ୍ୟରେ ଜୁଟିଛି। ଜିଲ୍ଲାର ତିନି ବ୍ଲକ ରିଆମାଳ, ବାରକୋଟ ଓ ତିଲେଇବଣି ବ୍ଲକ ଉକ୍ତ ନିର୍ବାଚନ ମଣ୍ଡଳୀରେ ରହିଛି। ୨୦୨୪ ନିର୍ବାଚନରେ ଦେବଗଡ଼ରୁ ବିଧାୟକ ଭାବେ ଜିଣିଥିଲେ ବିଜେଡ଼ି ନେତା ରୋମାଞ୍ଚ ରଞ୍ଜନ ବିଶ୍ୱାଳ। ଅପରପକ୍ଷରେ ଶାସନରେ ରହିଛି ବିଜେପି। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଥିବାବେଳେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବେ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ସେ ବି ଘନଘନ ଗସ୍ତ କରୁଛନ୍ତି। ତେଣୁ ବିଜେଡ଼ି ଓ ବିଜେପି ମଧ୍ୟରେ ପଞ୍ଚାୟତ ନିର୍ବାଚନବେଳେ ରୋଚକ ଲଢ଼େଇ ଦେଖିବାକୁ ମିଳିବ।

ଏଥର ପଞ୍ଚାୟତ ନିର୍ବାଚନ ବିଳମ୍ବରେ ହେବ। ଧାର୍ଯ୍ୟ ସମୟର ପ୍ରାୟ ତିନି ଚାରିମାସ ପରେ ନିର୍ବାଚନ ହେବବୋଲି ସଂକେତ ମିଳିସାରିଛି। ତେବେ ପଞ୍ଚାୟତ ନିର୍ବାଚନରେ ରିଆମାଳ ବ୍ଲକରେ ବିଜେପି ନା ବିଜେଡି, କିଏ ବାଜିମାତ୍ କରିବ ସେନେଇ ଚର୍ଚ୍ଚା ଲାଗି ରହିଛି। ଭୌଗୋଳିକ ଦୃଷ୍ଟିରୁ ଦେଖାଗଲେ ରିଆମାଳ ବ୍ଲକ ୨୬ ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଅନ୍ୟପଟେ ଗତ ପଞ୍ଚାୟତ ନିର୍ବାଚନରେ ରିଆମାଳ ବ୍ଲକର ମୋଟ ୨ଟି ଜିଲ୍ଲା ପରିଷଦ ଜୋନ ବିଜେଡ଼ି ଖାତାକୁ ଯାଇଥିଲା। ଜୋନ୍ ୧ର କୌଶିକ କୁମାର ପ୍ରଧାନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହୋଇଥିଲେ। ସେହିପରି ବ୍ଲକରେ ବିଜେଡ଼ି ତା'ର ସମର୍ଥିତ ପ୍ରାର୍ଥୀ ମଧୁସୂଦନ ପ୍ରଧାନଙ୍କୁ ବ୍ଲକ ଅଧ୍ୟକ୍ଷ କରିବାରେ ସଫଳ ହୋଇଥିଲା। ତେଣୁ ଗତ ପଞ୍ଚାୟତ ନିର୍ବାଚନରେ ରିଆମାଳ ବ୍ଲକରେ ବିଜେପି ଓ କଂଗ୍ରେସକୁ ନିରାଶ ହେବାକୁ ପଡ଼ିଥିଲା।

ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର କ୍ଷମତାରେ ଥିବା ହେତୁ ରିଆମାଳ ବ୍ଲକର ୨ଟି ଜୋନ୍ ଓ ବ୍ଲକ ଅଧ୍ୟକ୍ଷ ପଦକୁ ହାତେଇବା ପାଇଁ ପ୍ରୟାସ କରିବ। କିନ୍ତୁ ବିଜେଡିର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କୁ ନେଇ ଲୋକ ସମ୍ପର୍କ, ଜଣାଶୁଣାଣି ଅଭିଯୋଗ ମାଧ୍ୟମରେ ପୁଣି ଥରେ ରିଆମାଳ ଅକ୍ତିଆର କରିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଜେପି ତାର ପୁରୁଣା କର୍ମୀମାନଙ୍କୁ ଅଣଦେଖା କରି ନୂତନଙ୍କୁ ଦାୟିତ୍ୱ ଦେବା ପରେ ପୁରୁଣା କର୍ମୀଙ୍କ ମନଉଣା ହୋଇଥିବା ଜଣାପଡ଼ିଛି। ସେହିପରି ଚିତ୍ତରଞ୍ଜନ ପ୍ରଧାନ, ଲିଙ୍ଗରାଜ ସାହୁ, ଲଳିତ କୁମାର ପ୍ରଧାନଙ୍କ ଭୂମିକା ନିର୍ବାଚନ ଫଳାଫଳକୁ ଅନେକ ମାତ୍ରାରେ ପ୍ରଭାବିତ କରିବ। ଆଗାମୀ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡିର ଗଡସୁରକ୍ଷା ଚିନ୍ତାଥିବାବେଳେ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଲାଗି ରହିଛି।

# କଡ଼ ଲେଉଟାଇଲା ଖଡ଼ିଆଳ ରାଜନୀତି



ଖଡ଼ିଆଳ ରାଜନୀତି କଡ଼ ଲେଉଟାଇଛି । ବିଜେଡ଼ି ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ହାତ ଛାଡ଼ିଛନ୍ତି ଘନିଷ୍ଠ ସହଯୋଗୀ । ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଟାଣୁଆ ନେତା ଦଳ ଛାଡ଼ିବା ଘଟଣା ଖଡ଼ିଆଳ ବିଜେଡ଼ିକୁ ଦୁର୍ବଳ କରିଦେଇଛି ।

ଖଡ଼ିଆଳ ସଦରରେ ବିଧାୟକଙ୍କ ଡାହାଣ ହାତ ହେଉଛନ୍ତି ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା । କିନ୍ତୁ ଉଜ୍ଜ୍ୱଳଙ୍କ ନେତୃତ୍ୱରେ ୧୧ କାଉନସିଲର ବି ଶଙ୍ଖ ଛାଡ଼ି ପଦ୍ମ ଧରିଛନ୍ତି । ସେମାନଙ୍କ ମିଶ୍ରଣ ପର୍ବରେ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ । ଖାଲି ସେତିକିନୁହେଁ ଖରିଆର ରୋଡ଼ ଏନଏସି ଅଧ୍ୟକ୍ଷା ଡକ୍ଟର ସୋନିଆ ଜୈନ, ଖଡ଼ିଆଳ ରାଜା ଦେବଦେବ ସିଂହଦେଓ, ବିଜେପିର ଅନେକ ମଣ୍ଡଳ ସଭାପତି ବି ରହିଥିଲେ ।

ଏବେ ଆସିବା ଆଗକୁ କ'ଣ ସବୁ ଘଟିପାରେ ? ସେଠାକାର ରାଜନୀତିକ ଚର୍ଚ୍ଚା ଅନୁଯାୟୀ, ଏକଦା ଅଧିରାଜ ଥିଲେ କଂଗ୍ରେସ ବିଧାୟକ । ୨୦୧୯ରେ ସେ କଂଗ୍ରେସ ଟିକେଟରୁ ବାଜିମାତ୍ କରିଥିଲେ । ସେତେବେଳେ ସେ କମ୍ ଭୋଟରେ ବିଜେଡ଼ି ନେତା ଲମ୍ବୋଧର ନିଆଲଙ୍କୁ ହରାଇଥିଲେ । ୨୦୨୪ରେ ବିଜେଡ଼ି ଟିକେଟରେ ଲଢ଼ିଥିଲେ ଅଧିରାଜ । କାଳେ ଲମ୍ବୋଧର କିଛି ଏପଟସେପଟ କରିବେ ସେଥିପାଇଁ ବିଜେଡ଼ି ତାଙ୍କୁ ବାଧ୍ୟରେ ସାଂସଦ ପ୍ରାର୍ଥୀ କରିଥିଲା । ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଲମ୍ବୋଧର ବି ବିଜେଡ଼ି ଛାଡ଼ି ବିଜେପିରେ ମିଶି ଯାଇଥିଲେ । ନୂଆପଡ଼ା ଉପନିର୍ବାଚନରେ ଅଧିରାଜଙ୍କୁ ଗୁରୁ ଦାୟିତ୍ୱ ମିଳିଥିଲେବି ଭରସା ନଥିବାରୁ ତାଙ୍କୁ ଚେକ୍ ଦେବା ପାଇଁ ବିଜେଡ଼ି ନେତାଙ୍କୁ ତାଙ୍କ ପଛରେ ଲଗାଇ ଦିଆଯାଇଥିଲା । ନୂଆପଡ଼ା ଉପନିର୍ବାଚନ ବେଳେ ଖବର ସଂଗ୍ରହ କରିବା ବେଳେ ବିଜେଡ଼ି ନେତାମାନେ ହିଁ ଆମକୁ ଏହି ସୂଚନା ଦେଇଥିଲେ । ଏକଥା କହିବାର ଉଦ୍ଦେଶ୍ୟ ହେଉଛି ଲମ୍ବୋଦର ନିଆଲ ବିଜେପିକୁ ଯାଇଥିବାବେଳେ ଅଧିରାଜଙ୍କ ଘନିଷ୍ଠ ସହଯୋଗୀ ବିଜେପିକୁ ଯାଇଛନ୍ତି । ଆଗାମୀ ଦିନରେ ଅଧିରାଜ ବିଜେଡ଼ି ଛାଡ଼ି ବିଜେପିରେ ମିଶିଲେ ଆଶ୍ଚର୍ଯ୍ୟ ହେବାର ନାହିଁ । କାହିଁକିନା ୨୦୧୯ ରେ କଂଗ୍ରେସ ବିଧାୟକ ହୋଇଥିବା ଅଧିରାଜ କଂଗ୍ରେସ ଛାଡ଼ି ଏବେ ବିଜେଡ଼ି ବିଧାୟକ ହୋଇଛନ୍ତି । ସୋସିଆଲ ମିଡ଼ିଆରେ ବି ଏମିତି ଚର୍ଚ୍ଚା ଜୋରଧରିଛି । ପଞ୍ଚାୟତ ଓ ପୌର ନିର୍ବାଚନରେ ହିଁ ସମସ୍ତଙ୍କ ଅସଲ ରଣନୀତି ପଦାକୁ ଆସିପାରିବ ।

ODIA WEEKLY • GARVIT ODIA

# ଅମରଙ୍କ 'ଚଣ୍ଡୀଖୋଲ୍' ଚାଲ୍



ନୂଆ କରି ଗଢ଼ା ହୋଇଛି ଚଣ୍ଡୀଖୋଲ ଏନଏସି । ବଡ଼ଚଣା ବ୍ଲକକୁ ନେଇ ବଡ଼ଚଣା ନିର୍ବାଚନମଣ୍ଡଳୀ ଗଠିତ ହୋଇଥିବାବେଳେ ଏବେ ସେଥିରେ ଚଣ୍ଡୀଖୋଲ ଏନଏସି ଯୋଡ଼ି ହୋଇଯିବ । ତେବେ ନୂଆ କରି ଗଢ଼ା ହୋଇଥିବା ଏନଏସିର ମଙ୍ଗୁଆଳ ହେବାକୁ ଅନେକ ନେତା ଆଖେଇଥିଲେ । ସଂରକ୍ଷଣ ପ୍ରସ୍ତାବ ଓ ୱାର୍ଡ଼ ନିର୍ଦ୍ଧାରଣ ପୂର୍ବରୁ ବି ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଓ ଶୀତଳଯୁଦ୍ଧ ଦେଖିବାକୁ ମିଳିଥିଲା । ତିନି ଦଳ ବି ନିଜ ନିଜ ବାଟରେ ରଣନୀତି କରିଥିଲେ । କିନ୍ତୁ ଏବେ ଚଣ୍ଡୀଖୋଲ ଏନଏସି ଅଧ୍ୟକ୍ଷ ପଦଟି ଏସଟି ବର୍ଗଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ପ୍ରସ୍ତାବ ଆସିଛି । ଏହି ଖବର ପ୍ରସାରିତ ହେବାପରେ ଅନେକ ଆଶାୟୀ ମନସ୍ତାପରେ ରହିଛନ୍ତି । ସେପଟେ ବିଧାୟକ ଅମର ନାୟକଙ୍କ ରଣନୀତିକୁ ନେଇ ବି ଚର୍ଚ୍ଚା ଜୋରଧରିଛି ।

ଅମର ଭଲଭାବେ ଜାଣିଥିଲେ, ପ୍ରଥମ ଏନଏସି ନିର୍ବାଚନ ପାଇଁ ଅନେକ ନେତା ଆଶା ବାନ୍ଧି ବସିବେ । ବିଶେଷକରି ବିଜେପିର ଅନେକ ନେତା ଏଥିପାଇଁ ଲବି କରୁଥିଲେ । ତେଣୁ ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ନ୍ୟାୟରେ ସେ ଚଣ୍ଡୀଖୋଲ ଏନଏସି ଅଧ୍ୟକ୍ଷ ପଦବୀ ଏସଟି ବର୍ଗଙ୍କ ପାଇଁ ସଂରକ୍ଷିତ କରିବାକୁ ଯୋଜନା କରିଥିଲେ । ଅତଏବ ଆଗକୁ ଯିଏ ଏହି ପଦବୀରେ ବସିଲେବି ସେ ତାଙ୍କ ପାଇଁ ବିପଦର କାରଣ ପାଲଟି ପାରିବ ନାହିଁ ।

୨୦୧୧ ଜନଗଣନା ଅନୁଯାୟୀ, ଏହି ଏନଏସିର ଜନସଂଖ୍ୟା ୨୭୭୨୭ ଥିବାବେଳେ ସେଥିରେ ୨୫୬୩ ଏସସି ଏବଂ ୩୧୨୧ ଏସଟି ବର୍ଗର ଲୋକ ଅଛନ୍ତି । ୧୨ଟି ୱାର୍ଡ଼ ମଧ୍ୟରୁ ଗୋଟିଏ ୱାର୍ଡ଼ ଏସସି (ମହିଳା), ଗୋଟିଏ ୱାର୍ଡ଼ ଏସଟି (ମହିଳା), ୬ଟି ସାଧାରଣ ବର୍ଗର ୱାର୍ଡ଼ (୪ ମହିଳା) ଓ ୪ଟି ଅଣସଂରକ୍ଷିତ ୱାର୍ଡ଼ ପାଇଁ ପ୍ରସ୍ତାବ ରଖାଯାଇଛି । ରାଣୀବନ୍ଧି, ଖଣ୍ଡିଆବନ୍ଧି, ଅକବାରବାଦ, ଭୁଷଣ୍ଡପୁର, ଦର୍ପଣୀଗଡ଼, ଦେଉଳକୁର, କଞ୍ଜିଆ, ବଡ଼ଚଣା ବଜାର, ରାମଚନ୍ଦ୍ରପୁର, ଦେବତାସାହି, ସୁଙ୍ଗୁଡ଼ା, ଖୋସାଲିପୁର, ନିଶିମଳା, ବେଦପୁର ଓ ନରଣପୁର ସମେତ ୨୧ ରାଜସ୍ୱ ଗ୍ରାମକୁ ବିଭିନ୍ନ ୱାର୍ଡ଼ରେ ସାମିଲ୍ କରାଯାଇଛି ।

# ବିଶ୍ୱ ବନାମ ବିଡ଼ିଓ



ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ୨୦୨୪ ନିର୍ବାଚନରେ ସବୁଠୁ ଅଧିକ ଭୋଟ୍‌ରେ ଜିତିଥିଲେ । ଏକଦା ସେ ବିଜେପିରେ ଥିଲେବି ଯାଜପୁରରେ ବିଜେଡ଼ିର ଦବଦବା କାରଣରୁ ଶଙ୍ଖ ଫୁଙ୍କିଥିଲେ । ବ୍ୟକ୍ତିଗତ ଭୋଟ୍ ସହ ଦଳୀୟ ଭୋଟ୍ ମିଶିବାରୁ ସେ ବଡ଼ ବିଜୟ ହାସଲ କରିଥିଲେ । କିନ୍ତୁ ଏବେ ବିଶ୍ୱଙ୍କ ଭଳି ଟାଣୁଆ ନେତାଙ୍କ କଥା ଶୁଣୁନାହାନ୍ତି ବିଡ଼ିଓ । ବିଡ଼ିଓ ମନତି ଜଗଦ୍ଦେବ ଶାସକ ଦଳ କଥାରେ ପରିଚାଳିତ ହେଉଥିବାରୁ ବିଶ୍ୱ କ୍ଷୁବ୍ଧ ହୋଇଯାଇଛନ୍ତି । ବ୍ଲକ ଅଫିସରେ ବିଜେପି ନେତାଙ୍କ ରାଜ୍ ଚାଲିଛି ବୋଲି ବିଶ୍ୱ ଅଭିଯୋଗ କରିଛନ୍ତି । ଏପରିକି ବିନା କାରଣରେ ବାରମ୍ବାର ସମୀକ୍ଷା ବୈଠକ ବାତିଲ୍ କରି ବିଧାୟକଙ୍କୁ ଅପମାନିତ କରୁଛନ୍ତି ବିଡ଼ିଓ । ଏହାର ପ୍ରତିବାଦରେ ବ୍ଲକ ଅଫିସ ସାମ୍ନାରେ ବିଶ୍ୱ ଧାରଣା ବସି ରହିବା ଯାଜପୁର ରାଜନୀତିରେ ବେଶ୍ ଚର୍ଚ୍ଚା ସୃଷ୍ଟିକରିଛି ।

ଗର୍ବିତ ଓଡ଼ିଆ

## ପିପିଲିରେ ଜମୁଛି ଆଶ୍ରୀତ-ରୁଦ୍ର ଲଢ଼େଇ

# ଅଙ୍କ ବିଗାଡ଼ିବେ ପ୍ରିୟବ୍ରତ







ପିପିଲି ରାଜନୀତି ଏବେ ସରଗରମ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ପାଇଁ ତିନି ଦଳର ଯୁବନେତା ଏବେ ଅଙ୍କ କଷା ଜୋରଦାର କରିଛନ୍ତି। ବିଜେପିର ମଙ୍ଗ ଧରିଛନ୍ତି ବିଧାୟକ ଆଶ୍ରୀତ ପଟ୍ଟନାୟକ। ସରକାରରେ ଥିବାରୁ ତାଙ୍କର ପତିଆରା ବି ଢ଼େର ବଢ଼ିଯାଇଛି। ବିଜେଡ଼ିର ମଙ୍ଗ ଧରିଛନ୍ତି ପୂର୍ବତନ ବିଧାୟକ ରୁଦ୍ର ମହାରଥି। ୨୦୨୪ ନିର୍ବାଚନ ପରେପରେ ପ୍ରାୟ ବର୍ଷେ କାଳ ରୁଦ୍ର ବସି ରହି ଆଶ୍ରୀତଙ୍କ ଗତିବିଧି ଅନୁଧ୍ୟାନ କରୁଥିଲେ। ଏବେ ସେ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପଞ୍ଚାୟତଗସ୍ତ କରି ରଣନୀତି କରୁଛନ୍ତି। ସେହିପରି ଯୁଦ୍ଧିଷ୍ଠିର ସାମନ୍ତରାୟଙ୍କ ପୁଅ ପ୍ରିୟବ୍ରତ ସାମନ୍ତରାୟ କଂଗ୍ରେସକୁ ଫେରିଛନ୍ତି। ତାଙ୍କ ବାପାଙ୍କ ସଂଗଠନକୁ ସେ ଆଗକୁ ନେବାପାଇଁ ଯୋଜନା କରୁଛନ୍ତି। ଗାଏମୋଟ୍ କହିଲେ ଆଶ୍ରୀତ-ରୁଦ୍ର-ପ୍ରିୟବ୍ରତଙ୍କ ମଧ୍ୟରେ ଭୋଟ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି। ପଞ୍ଚାୟତ ଅଙ୍କ ହିଁ ୨୦୨୯ରେ ସେମାନଙ୍କ ରାଜନୀତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ।

ପଞ୍ଚାୟତ ନିର୍ବାଚନର ଢ଼େର ଅଭିଜ୍ଞତା ରଖିଛନ୍ତି ଆଶ୍ରୀତ। କାହିଁକିନା ସେ ନିଜେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ବି ଥିଲେ। ୧୯୯୭ରେ ସରପଞ୍ଚ, ୨୦୦୭ରେ ବ୍ଲକ ଅଧ୍ୟକ୍ଷ ଓ ୨୦୧୨ରେ ଜିଲ୍ଲା ପରିଷଦ ହୋଇଥିଲେ। ବାସ୍ ଗ୍ରାଉଣ୍ଡରୁ ଲଢ଼ିଲଢ଼ି ଆଜି ପିପିଲିରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି ଆଶ୍ରୀତ ପଟ୍ଟନାୟକ। ୨୦୧୪ରେ କଂଗ୍ରେସ ଟିକେଟ ନପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ ଆଶ୍ରୀତ। ପ୍ରଦୀପ ମହାରଥି ଓ ଯୁଦ୍ଧିଷ୍ଠିର ସାମନ୍ତରାୟଙ୍କ ଭଳି ଟାଣୁଆ ନେତା ଲଢୁଥିଲେବି ୧୮ ହଜାର ଭୋଟ ସାଉଁଟିବା କିଛି ଛୋଟିଆ କଥା ନଥିଲା। କଂଗ୍ରେସରେ ସୁଯୋଗ ନଥିବାରୁ ୨୦୧୭ରେ ପଦ୍ମଫୁଲ ଧରିଥିଲେ। ୨୦୧୯ରେ ପ୍ରଥମ ଥର ପାଇଁ ସେ ବିଜେପି ଟିକେଟରେ ଲଢ଼ି ପ୍ରଦୀପଙ୍କୁ କଡ଼ା ଟକ୍କର ଦେଇଥିଲେ। ୨୦୨୧ରେ ପୁଣି ଥରେ ତାଙ୍କୁ ଉପନିର୍ବାଚନର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଦୀପଙ୍କ ପରଲୋକ ପରେ ସେଠାରୁ ନିର୍ବାଚନ ଲଢ଼ିଥିଲେ ତାଙ୍କ ପୁଅ ରୁଦ୍ର ମହାରଥି। ନବୀନଙ୍କ ଲୋକପ୍ରିୟତା ଓ ବିଜେଡ଼ିର ଆକ୍ରମଣାତ୍ମକ ରଣନୀତି ସତ୍ତ୍ୱେ ଆଶ୍ରୀତ ୭୬ ହଜାର ଭୋଟ୍ ପାଇ ଚମକାଇ ଦେଇଥିଲେ। ତିନି ତିନି ଥର ହାରିଥିଲେବି ଆଶ୍ରୀତ ଲୋକଙ୍କ ଠାରୁ ଦୂରେଇ ନଯାଇ ଅଧିକ ନିକଟତର ହୋଇଥିଲେ। ଯେଉଁଥିପାଇଁ ୨୦୨୪ରେ ସେ ଲକ୍ଷେ ପାଖାପାଖି ଭୋଟ୍ ପାଇଥିଲେ। ଏମିତିକି ତାଙ୍କୁ ହରାଇବା ପାଇଁ ରୁଦ୍ରଙ୍କ ସହ ସାମିଲ୍ ହୋଇଥିଲେ ଯୁଦ୍ଧିଷ୍ଠିରଙ୍କ ପୁଅ। ଆଶ୍ରୀତଙ୍କ ପ୍ରତି ଲୋକ ସମର୍ଥନ ଆଗରେ ବିଜେଡ଼ିର ରଣନୀତି କାମ କରିନଥିଲା।

୨୦୨୪ରେ କେଉଁ କାରଣରୁ ହାରିଥିଲେ ତାହା ରୁଦ୍ର ଅନୁଧ୍ୟାନ କରି ସାରିଛନ୍ତି। ଏମିତିବି ପ୍ରଦୀପ ମହାରଥିଙ୍କ ନାମରେ ଏବେବି ଭୋଟ୍ ବ୍ୟାଙ୍କ ରହିଛି। ନିଜେ ଯୁବକ ହୋଇଥିବାରୁ ସେ ଯୁବଶକ୍ତି ସହ ଜଡ଼ିତ ଥିଲେ। ଯେଉଁଥିପାଇଁ ପ୍ରଦୀପଙ୍କ କେତେକ ପୁରୁଣା ସହଯୋଗୀ ଖପ୍ପା ଥିଲେ। ଏବେ ଯୁବ ଓ ବରିଷ୍ଠଙ୍କୁ ଏକାଠି କରି ରୁଦ୍ର ଆଗେଇ ଚାଲିଛନ୍ତି। ବିଶେଷକରି ବିଜେପି ଅମଳରେ ହୋଇଥିବା ରାସ୍ତା ଓ ଅନ୍ୟ ଭିତ୍ତିଭୂମି କାମର ଗୁଣାତ୍ମକ ମାନକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ରାସ୍ତାରୁ ପିଚୁ ଉଠାଇ ସେ ସାମାଜିକ ଗଣମାଧ୍ୟମରେ ଜନତାଙ୍କୁ ଜଣାଉଛନ୍ତି। ଏନେଇ ଅଧିକାରୀଙ୍କ ଉପରେ ବି ବର୍ଷୁଥିବାରୁ ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି। ରୁଦ୍ର ପୁଣି ବିଜେଡ଼ି ନେତାଙ୍କୁ ଏକାଠି କରିବା ସହ ବିଜେପି ଅମଳରେ ହୋଇଥିବା ଦୁର୍ନୀତିକୁ ପ୍ରସଙ୍ଗ କରି ଆଶ୍ରୀତଙ୍କୁ ଘେରିବା ଆରମ୍ଭ କରିଛନ୍ତି। ସେପଟେ ନବୀନଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ବି ରୁଦ୍ରଙ୍କୁ ବେଶ୍ ସୁହାଇବ।

ଏହି ଦୁଇ ନେତାଙ୍କ ସହ ତାଳଦେଇ ଆଗକୁ ଯିବାକୁ ବାଟ ଖୋଜୁଛନ୍ତି ପ୍ରିୟବ୍ରତ। ଏକଦା ପିପିଲିରେ ପ୍ରଦୀପ-ଯୁଦ୍ଧିଷ୍ଠିର ଲଢ଼େଇ ଦେଖିବାକୁ ମିଳିଥିଲା। ଏବେ ଦୁଇ ନେତା ଦିବଂଗତ। କିନ୍ତୁ ଉଭୟଙ୍କ ସମର୍ଥକ ଏବେବି ପ୍ରତି ଗାଁରେ ଅଛନ୍ତି। ଯୁଦ୍ଧିଷ୍ଠିରଙ୍କ ସହଯୋଗୀଙ୍କ ମଧ୍ୟରୁ କିଛି ବିଜେଡ଼ି ଓ କିଛି ବିଜେପିକୁ ଯାଇଥିଲେ। ସେମାନଙ୍କୁ ଫେରାଇ ଆଣି କଂଗ୍ରେସକୁ ମଜବୁତ କରିବା ପାଇଁ ସେ ଲାଗି ପଡ଼ିଛନ୍ତି।

ତିନି ନେତାଙ୍କ ହାତରେ ସଂଗଠନ ରହିଛି। ଆଉ ଟଙ୍କା ବି ଅଛି। ୨୦୨୯ରେ ତିନି ନେତାଙ୍କୁ ନିଜ ନିଜ ଦଳରୁ ବିଧାନସଭା ଟିକେଟ ମିଳିବା ବି ନିଶ୍ଚିତ ହୋଇଯାଇଛି। ତେଣୁ ୨୦୨୯ ଫାଇନାଲ ମ୍ୟାଚ ପୂର୍ବରୁ ୨୦୨୭ ପଞ୍ଚାୟତ ସେମିଫାଇନାଲ ଖେଳିବାକୁ ସେମାନେ ସଜବାଜ ହେଉଛନ୍ତି। ଅବଶ୍ୟ ଭଲକଥାଟି ହେଉଛି, ପିପିଲିରେ ଆଉ ବନ୍ଧୁକ ବୋମା ଫୁଟୁନି କି ଖଣ୍ଡା ଭୁଜାଲି ବୁଲୁନି।

## ନୟାଗଡ଼ ରାଜନୀତି

# ବିଜେପିରେ ଚାଲିଛି ଚେରକଟା

ନୟାଗଡ଼ ଜିଲ୍ଲାର ରାଜନୈତିକ ଭୂଗୋଳ ଯେମିତି ବିଚିତ୍ର। ସେଠାକାର ରାଜନୀତି ବି ସେତିକି ବିଚିତ୍ର। ଜିଲ୍ଲାରେ ରହିଛି ୪ ବିଧାନସଭା ଆସନ; ରଣପୁର, ନୟାଗଡ଼, ଦଶପଲ୍ଲା ଓ ଖଣ୍ଡପଡ଼ା। ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀଟି ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରେ ଆସୁଛି। ଯେତେବେଳେକି କନ୍ଧମାଳ ଲୋକସଭା କ୍ଷେତ୍ରରେ ଦଶପଲ୍ଲା ଓ ଖଣ୍ଡପଡ଼ା ବିଧାନସଭା ଆସନଟି କଟକ ଲୋକସଭା ନିର୍ବାଚନମଣ୍ଡଳୀର ଅନ୍ତର୍ଭୁକ୍ତ। ଅର୍ଥାତ୍ ଗୋଟିଏ ଜିଲ୍ଲାରେ ୩ ସାଂସଦ। ତେଣୁ ସାଂସଦ ଗୋଷ୍ଠୀ, ବିଧାୟକ ଗୋଷ୍ଠୀ ଭିତରେ ନୟାଗଡ଼ ବିଜେପି ସନ୍ତୁଳି ହେଉଛି। ଯଦି ଆଗକୁ ସୀମା ପୁନଃ ନିର୍ଦ୍ଧାରଣ ହୁଏ ତେବେ ନୟାଗଡ଼ ରାଜନୀତି ନୂଆମୋଡ଼ ନେବା ନିଶ୍ଚିତ।

ଗତ ୨୦୨୪ ନିର୍ବାଚନରେ କନ୍ଧମାଳରୁ ବିଜେପି ସାଂସଦ ହୋଇଥିଲେ ସୁକାନ୍ତ ପାଣିଗ୍ରାହୀ। ଦଶପଲାରୁ ଲଢ଼ିଥିଲେ ରାଘବ ମଲ୍ଲିକ। ଏବେ ସେଠାରେ ସାଂସଦ ଓ ବିଧାୟକଙ୍କ ଭିନ୍ନଭିନ୍ନ ଗୋଷ୍ଠୀ ଦେଖିବାକୁ ମିଳୁଛି। ଯାହାକି ପଞ୍ଚାୟତ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି।

କଟକ ସାଂସଦ ହେଉଛନ୍ତି ଭର୍ତ୍ତୃହରି ମହତାବ। ଖଣ୍ଡପଡ଼ାରୁ ସେ ଭଲଭୋଟ୍ ଭିଡ଼ିଥିଲେ। ସେଠାରେ ବିଜେପି ଟିକେଟରେ ବିଧାୟକ ହୋଇଛନ୍ତି ଦୁଷ୍ମନ୍ତ କୁମାର ସ୍ୱାଇଁ। ଏବେ ଦୁଷ୍ମନ୍ତଙ୍କ ସହ ଟକ୍କର ଦେବା ଆରମ୍ଭ କରିଛନ୍ତି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ସେ ଦୁଷ୍ମନ୍ତଙ୍କୁ ସିଧାସଳଖ ବିରୋଧ କରୁନଥିଲେବି ନିଜର ସ୍ଥିତି ମଜବୁତ୍ କରିବାରେ ଲାଗି ପଡ଼ିଛନ୍ତି। ଦୁଷ୍ମନ୍ତ ଓ ଅଭିଳାଷଙ୍କ ଗୋଷ୍ଠୀଙ୍କ ମଧ୍ୟରେ ଶୀତଳଯୁଦ୍ଧ ଚାଲିଥିବାବେଳେ ଭର୍ତ୍ତୃହରି ମହତାବ ନୂଆଦିଲ୍ଲୀରେ ରହିବାକୁ ବେଶୀ ପସନ୍ଦ କରୁଛନ୍ତି।

ଏବେ ଆସିବା ରଣପୁର ଆଡ଼କୁ। ପୁରୀ ସାଂସଦ ହେଉଛନ୍ତି ସମ୍ବିତ ପାତ୍ର। ସେପଟେ ରଣପୁର ବିଧାୟିକା ସୁରମା ପାଢ଼ୀ ଏବେ ବାଚସ୍ପତି ଅଛନ୍ତି। ପ୍ରୋଟୋକଲ ଦୃଷ୍ଟିରୁ ସୁରମା ଢେର ଆଗରେ ରହିଛନ୍ତି। କିନ୍ତୁ ଦିଲ୍ଲୀ ସେଟିଂ ପାଇଁ ସମ୍ବିତଙ୍କର ଦବଦବା ରହିଛି। ୨୦୨୪ ନିର୍ବାଚନ ବେଳେ ସୁରମାଙ୍କର ଟିକେଟ୍ କଟିଯାଇଥିଲା। ସମ୍ବିତ ପାତ୍ରଙ୍କ ଜରିଆରେ ତାପସ ମାର୍ଥା ଟିକେଟ ହାତେଇ ନେଇଥିଲେ। ଯେଉଁଥିପାଇଁ ସୁରମା ଲଢ଼େଇ କରି ଟିକେଟ ଆଣିବା ସହ ଅନେକ ଦିନ ପରେ ବିଧାନସଭାକୁ ଫେରି ପାରିଛନ୍ତି। ତାପସଙ୍କ ପତ୍ନୀ ନିର୍ମଳା ବେହେରା ବ୍ଲକ ଅଧ୍ୟକ୍ଷା ଥିବାବେଳେ ସୁରମାଙ୍କ ସହ ଅନେକ ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହେଉଛି। ସମ୍ବିତ ପାତ୍ର ଆଗଭଳି ରଣପୁର ରାଜନୀତିରେ ବେଶୀ ମୁଣ୍ଡ ଖେଳାଉନାହାନ୍ତି। କିନ୍ତୁ ସୁରମାଙ୍କ ସହ ଶୀତଳଯୁଦ୍ଧ ଚାଲିଥିବା କୁହାଯାଉଛି।

**ମହାମୂର୍ଖ ଉବାଚ**



| ଡଃ କୁଳାଙ୍ଗାର |

# ବାତେରା ବର୍ଷା

ମେଘକୁ ଡାକିକି ପଚାରିଲି କହ
କଣ ପାଉଛୁ ମାଗଣାରେ ବର୍ଷିକରି;
ଠକୁଛନ୍ତି କେତେ ଏ ଦୁନିଆରେ
ଆଡ଼ମ୍ବର ନେଇକରି!
ମେଘ କହେ ହସିକରି,
ମାଗଣାରେ ତମ ପୋଷାକ ଭିତର
ଦେଖୁଛି ମୁଁ ଓଦା କରି!!

ବର୍ଷା କଥା ଶୁଣି କହିଲି ଯେବେ ତୁ ଆସୁ
ସୂର୍ଯ୍ୟ ଲୁଚିଯାଏ;
ଆମର ଭିତର ଅନ୍ଧାରରେ ତୋତେ
କେମିତି ବା ଦେଖାଯାଏ?
ବର୍ଷା ଏବେ ହସି କହେ,
ବିଜୁଳି ନାମକ ଫ୍ଲାସ ଲାଇଟି
ମୁଁ ସେଥିପାଇଁ ମାରୁଥାଏ!!

ବର୍ଷା କହିଲା - ରାସ୍ତାଘାଟକୁ ଧୋଇକରି
ମୁଁ ସଫା ସ୍ୱଚ୍ଛ କରିଅଛି;
ଆଁ କରି ପଡ଼ିଥିବା ଜଳାଶ୍ରୟ
ପେଟେ ଜଳ ଭରିଅଛି!
ତାତି ମୋତେ ଡରିଅଛି,
ଅଂଶୁଘାତ ସହ ଘିମିରି ଓ ବଥ
ମୋ ଭୟରେ ମରିଅଛି!!

ବର୍ଷା କହିଲା ଅଳିଆକୁ ସଫା
କରିବା ପ୍ରକୃତି ମୋର;
ଦୁର୍ବଳ ଅଳିଆ କାମଗୁଡା ତେଣୁ
ଭାଙ୍ଗେ ରଜେ ପ୍ରତିଥର!
ବିଷ ଔଷଧ ଓ ସାର,
ଧୋଇବା ପାଇଁକି ଚାଷ ଜମିକି
ମୁଁ କରିଥାଏ ବାଲିଚର!!

ଦିଅଁରୁ ଭକତ ଶାସକ ବିରୋଧୀ
ହେଉ ଗରିବ କି ଧନୀ;
ମୋ ପାଣିଠାରୁ କାର ତ୍ରାହି ନାଇଁ
କେହି ବର୍ତ୍ତି ପାରବନି!
କୋଠା ଅବା ପଲିଥିନି,
ଭିତରେ ପଶିକି ଭିଜେଇ କରି
ମୁଁ କରିଦିଏ ଖିନିଭିନି!!

ବର୍ଷା କଥା ଶୁଣି ପଚାରିଲି
ତୋତେ ଭଲ କଥା ଆସିନାଇଁ;
ଏତେ ଥଣ୍ଡା ହୋଇ ଏ ଗରମ
କାମ କରୁଛୁ କଣ ପାଇଁ?
ଏ ଖରାପ ଗୁଣ ପାଇଁ,
ବର୍ଷାଋତୁକୁ ବହୁତ ମଣିଷ
ଭଲ ଯେ ପାଆନ୍ତି ନାହିଁ!!

ବର୍ଷା କଥା ଶୁଣି କହିଲି ହଁ
ତୁ ସେଇଥିରେ ପାରିବାର;
ତୋ କନ୍ୟା ବନ୍ୟା ଉତ୍ପାତ କରି
କେତେ ଜୀବ ମାରିବାର!
ଭାସି ଯାଏ ଘରଦ୍ୱାର,
ପୋଲ ଭୁଷୁଡ଼ଇ, ରାସ୍ତାଟି କଟଇ
ଜମି ବାଲିଚର ଶ୍ରୀହୀନ ପରିବାର!!

ବର୍ଷା କଥା ଶୁଣି ଲାଗିଲା ମଣିଷ
ବର୍ଷାକୁ ଚିହ୍ନିନି ନିଶ୍ଚୟ;
ବର୍ଷାଠୁ ଦୂରେଇ ରହିବା ପାଇଁକି
କରୁଛି ବିଭିନ୍ନ ଉପାୟ!
ବର୍ଷା ନୁହେଁ ଛୋଟ ବିଷୟ,
ମହାମୂର୍ଖ କହେ ବର୍ଷା ସମୁଦ୍ରକୁ
ଢାଳିଦିଏ କରି ବିସ୍ମୟ!!

# ବିଜୁଙ୍କୁ ହରାଇବାକୁ ଆସିଥିଲେ ଇନ୍ଦିରା





୧୯୭୧ ମସିହାର କଥା। ସେତେବେଳେ ଚୌଦ୍ୱାରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ୩୨ ବର୍ଷର ଯୁବକ କାହ୍ନୁଚରଣ ଲେଙ୍କା। ବିଜୁଙ୍କ ବିରୋଧରେ ଲଢ଼ିବାକୁ ନନ୍ଦିନୀ ଶତପଥି କାହ୍ନୁଙ୍କୁ ହିଁ ବାଛିଥିଲେ। କାହ୍ନୁଙ୍କର ଏହା ପ୍ରଥମ ନିର୍ବାଚନ। ଚୌଦ୍ୱାରରେ ବି ସେମିତି ତାଙ୍କର ସଂଗଠନ କି ପରିଚୟ ବି ନଥିଲା। ତେବେ ଇନ୍ଦିରା ଗାନ୍ଧୀ କାହ୍ନୁଙ୍କ ପାଇଁ ପ୍ରଚାର କରିବାକୁ ପ୍ରତିଶ୍ରୁତି ଦେବା ପରେ ତାଙ୍କର ଯୋଶ୍ ବଢ଼ି ଯାଇଥିଲା। ଉତ୍କଳ କଂଗ୍ରେସରୁ ଲଢୁଥା'ନ୍ତି ବିଜୁବାବୁ। ଏପଟେ କାହ୍ନୁଙ୍କର ଚିହ୍ନ ଥିଲା ଗାଈବାଛୁରୀ। ଇନ୍ଦିରା ୧୦ ମିନିଟ୍ କାଳ ଭାଷଣ ଦେବା ପରେ କାହ୍ନୁଙ୍କୁ ତାଙ୍କ ସାମ୍ନାରେ ଠିଆ କରି ଗାଈବାଛୁରୀ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ବାସ୍, ନିର୍ବାଚନରେ ୧୦ ହଜାର ଭୋଟ୍‌ରେ ବିଜୁଙ୍କୁ ହରାଇ କାହ୍ନୁ ବିଧାନସଭାକୁ ଆସିଥିଲେ। ଏହି ପ୍ରଥମ ନିର୍ବାଚନ ହିଁ ତାଙ୍କୁ ରାଜ୍ୟ ରାଜନୀତିରେ ବେଶ୍ ପରିଚିତ କରି ଦେଇଥିଲା। କାହିଁକିନା ବିଜୁଙ୍କୁ ତାଙ୍କ ଗଡ଼ରେ ହରାଇବା ଏତେ ସହଜ ନଥିଲା। ଏହି ନିର୍ବାଚନରେ ଆଉ ଏକ ସ୍ମରଣୀୟ ଘଟଣା ବି ଘଟିଥିଲା। କଳିଙ୍ଗ ଟ୍ୟୁବସର ପଡ଼ିଆରେ ବିଜୁଙ୍କ ବିରୋଧରେ ଇନ୍ଦିରାଙ୍କ ସଭାକୁ ଭଣ୍ଡୁର କରିବା ପାଇଁ କର୍ମଚାରୀମାନେ ଯୋଜନା କରିଥିଲେ। କଳିଙ୍ଗ ଟ୍ୟୁବସର ମାଲିକ ଥିଲେ ବିଜୁବାବୁ। ବିଜୁବାବୁ ଏହି ଖବର ପାଇବା ପରେ ସିଧାସଳଖ କହିଥିଲେ, ବିଜୁ ପଟ୍ଟନାୟକ ଏତେ ଛୋଟ ଲୋକ ନୁହେଁ, ଯେକି ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ନିଜ ଜାଗା ବୋଲି ଅଧିକାର ଦେଖାଇ ସଭା କରାଇଦେବେନି। ପରେ ବିଜୁଙ୍କ ନିର୍ଦ୍ଦେଶରେ କଳିଙ୍ଗ ଟ୍ୟୁବସର କର୍ମଚାରୀ ଓ ଅଧିକାରୀମାନେ ସହଯୋଗ କରିଥିଲେ।

# କଟକ ବିଜେପିରେ 'ବାହାରିଆ'



କଟକରେ ବିଜେପି ବଢୁଛି। ଆମେ ବିଜେଡ଼ିକୁ ହଜେଇଦେବୁ। ବିଜେପି ନେତାମାନେ ଛାତିରେ ହାତ ପିଟି ଏକଥା କହୁଛନ୍ତି। ହେଲେ କଟକ ବିଜେପିରେ ଏବେ ମୂଳ ବିଜେପି ଅପେକ୍ଷା 'ବାହାରିଆ' ନେତାଙ୍କ ଦବଦବା ବଢ଼ିବାରେ ଲାଗିଛି। ସମୀର ଦେ'ଙ୍କ ପରେ ମୂଳ ବିଜେପି ନେତାଙ୍କ ଶକ୍ତି ହ୍ରାସ ପାଇଛି ବୋଲି କହିଲେ ଭୁଲ୍ ହେବନାହିଁ।

କଟକ ବିଜେପିର ଏବେ ବଡ଼ ନେତା ହେଉଛନ୍ତି ଭର୍ତ୍ତୃହରି ମହତାବ। ଭର୍ତ୍ତୃହରି ବିଜେଡ଼ିର ଟାଣୁଆ ନେତା ଥିଲେ। ୧୯୯୮ରୁ ୨୦୧୯ ପର୍ଯ୍ୟନ୍ତ ସେ ବିଜେଡ଼ିର ସାଂସଦ ଥିଲେ। ଏବେ ସେ ବିଜେପିର ସାଂସଦ ହୋଇଛନ୍ତି। ଆଜିକା ଦିନରେ ଭର୍ତ୍ତୃହରିଙ୍କ ପରେ କ୍ଷମତାଶାଳୀ ହେଉଛନ୍ତି, ପ୍ରକାଶ ମିଶ୍ର। ୨୦୧୯ରେ ସେ ବିଜେପି ଟିକେଟରେ ଲୋକସଭା ନିର୍ବାଚନ ଲଢ଼ିଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅଛନ୍ତି। ନିକଟରେ ବିଜେପିର ରାଜ୍ୟସଭା ସାଂସଦ ହୋଇଛନ୍ତି ଦେବାଶିଷ ସାମନ୍ତରାୟ। ବିଜେଡ଼ିରୁ ସେ ବିଜେପିକୁ ଯାଇଛନ୍ତି। ତାଙ୍କର ବି ସ୍ୱାଭାବିକ ଭାବେ ପତିଆରା ବଢ଼ିଛି। ନିକଟରେ ବିଜେପିରେ ଯୋଗ ଦେଇଛନ୍ତି ପ୍ରଭାତ ବିଶ୍ୱାଳ। ପ୍ରଭାତ ଥିଲେ ବିଜେଡ଼ିର ଟାଣୁଆ ନେତା। ତାଙ୍କ ପୁଅ ସୌଭିକ ବିଶ୍ୱାଳ ବିଧାୟକ ଅଛନ୍ତି। ପଦ ଚାଲିଯିବା ଡରରେ ସେ ବିଜେପିରେ ବିଧିବଦ୍ଧ ଭାବେ ସାମିଲ୍ ହେଉନାହାନ୍ତି। ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ହେଉଛନ୍ତି ମନମୋହନ ସାମଲଙ୍କ ବନ୍ଧୁ। ସେ ରାଜନୀତିରୁ ଆସିନାହାନ୍ତି। ଡାକ୍ତରରୁ ସେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ତାଙ୍କର ବି ଢ଼େର ଦବଦବା ରହିଛି। ଆଗାମୀ ଦିନରେ ସାଲେପୁରରୁ ପ୍ରକାଶ ବେହେରା ବି ପୁଣି ବିଜେପିକୁ ଯାଇପାରନ୍ତି। ଏମିତିବି ସାଲେପୁରର ବିଜେପି ମଙ୍ଗ ଧରିଛନ୍ତି ଅରିନ୍ଦମ ରାୟ। ସେ ବି ବିଜେଡ଼ି ନେତା ଥିଲେ। ହେଲେ ମୂଳ ବିଜେପି ନେତାଙ୍କର କଟକରେ ଆଉ କାଟତି ଦେଖିବାକୁ ମିଳୁନାହିଁ। ଏପରିକି ସମ୍ଭାବ୍ୟ ବିଧାୟକ କି ସାଂସଦ ଟିକେଟ ତାଲିକାରେ ବି କଟକର ମୂଳ ବିଜେପି ନେତା ନୁହଁନ୍ତି। ଅତିବେଶୀରେ ସେମାନେ କର୍ପୋରେଟର ଟିକେଟ ପାଇଁ ହିଁ ଯୋଗ୍ୟ କହିଲେ ଭୁଲ୍ ହେବନାହିଁ।

# ସୁଜାତାଙ୍କ ଦରବାର



୨୦୨୪ ପରାଜୟର ଦରଜ କମିଗଲାଣି । ଏବେ ବିଜେଡ଼ି ୨୦୨୭ ଓ ୨୦୨୯ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି । ଦଳରେ ବି ଆଉ ଆଗଭଳି ମିଡ଼ିଆରେ ତୁତୁ-ମେଁମେଁ ଶୁଣିବାକୁ ମିଳୁନାହିଁ । ଅନେକ ନେତା ଉତ୍ସାହର ସହ ସାଂଗଠନିକ କାମରେ ଲାଗି ପଡ଼ିଲେଣି । ଆଉ କିଛି ନେତା ଅସନ୍ତୁଷ୍ଟ ଥିଲେବି ନୀରବ ରହିବାକୁ ଉଚିତ୍ ମନେକରୁଛନ୍ତି । ରାଜନୀତିକ ପାଣିପାଗ ଭଲନଥିବାରୁ ନୀରବତା ହିଁ ଏକମାତ୍ର ବିକଳ୍ପ ବୋଲି ସେମାନେ ଭାବି ନେଇଛନ୍ତି । ୨୦୨୪ ନିର୍ବାଚନ ହାରିବା ପରେ ସବୁ ନିର୍ବାଚନମଣ୍ଡଳୀରେ ଗୋଷ୍ଠୀକନ୍ଦଳ ଜୋର ଧରିଥିଲା । ପଞ୍ଚାୟତସ୍ତରୀୟ ପ୍ରତିନିଧିମାନେ ଶଙ୍ଖ ଭବନରୁ ସମ୍ପେଇ ମାରି ପଦ୍ମପୋଖରୀକୁ ଡେଉଁଥିଲେ । ହେଲେ ଏବେ ସବୁକିଛି ବଦଳିଗଲାଣି । ଗୋଟିଏ ପଟେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଧାୟକ, ପରାଜିତ ବିଧାୟକ ପ୍ରାର୍ଥୀ, ତୃଣମୂଳସ୍ତରର ନେତାମାନଙ୍କୁ ଡାକି ନବୀନ ନିବାସରେ ବୁଝାଶୁଝା କରୁଛନ୍ତି । ସଂଗଠନକୁ ମଜବୁତ କରିବାକୁ ପ୍ରେରଣା ଦେଉଛନ୍ତି । ସେପଟେ ଶଙ୍ଖଭବନରେ ଆରମ୍ଭ ହୋଇଯାଇଛି ସୁଜାତା ରାଉତଙ୍କ ଦରବାର ।

ନିୟମିତ ଭାବେ ସୁଜାତା ଶଙ୍ଖଭବନକୁ ଆସୁଛନ୍ତି । ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି । ଦଳର ବରିଷ୍ଠ ବିଧାୟକଙ୍କ ସହ ସାଂଗଠନିକ ରଣନୀତି, ସଂଗଠନରେ ଥିବା ସମସ୍ୟା ଆଦି ସମ୍ପର୍କରେ ଟିକିନିଖି ବୁଝି ନୋଟ୍ ବି କରୁଛନ୍ତି । ବିଧାୟକ, ଜିଲ୍ଲା ସଭାପତି ଓ ଛାମୁଆ ନେତାମାନେ ତାଙ୍କୁ ଭେଟି ଦୀର୍ଘସମୟ ଧରି ଆଲୋଚନା କରୁଛନ୍ତି । ଦଳର ମିଡ଼ିଆ ସେଲ୍, ସୋସିଆଲ ମିଡ଼ିଆ ସେଲ ଠାରୁ ନେଇ ବିଭିନ୍ନ ପଦାଧିକାରୀମାନଙ୍କୁ କ'ଣ କରାଯିବା ଦରକାର କହିବା ସହ କ'ଣ କରାଗଲେ ଭଲ ହେବବୋଲି ପରାମର୍ଶ ବି ନେଉଛନ୍ତି । ଗାଏମୋଟ୍ କହିଲେ ସୁଜାତାଙ୍କୁ ନେଇ ଶଙ୍ଖ ଭବନରେ ବା ଦଳରେ କମ୍ପନ ସୃଷ୍ଟିହେବ ବୋଲି ଯେଉଁ ଅନୁମାନ କରାଯାଉଥିଲା, ସେଭଳି ଆଶଙ୍କା ଧିରେଧିରେ ଗାଏବ ହେବାରେ ଲାଗିଲାଣି । ଏମିତିକି ସୁଜାତାଙ୍କୁ ଯେଉଁ ନେତାମାନେ ତୀବ୍ର ବିରୋଧ କରିବେ ବୋଲି ଚର୍ଚ୍ଚା ହେଉଥିଲା ସେମାନେ ବି ଶଙ୍ଖଭବନରେ ସୁଜାତାଙ୍କୁ ଭେଟିବା ଆରମ୍ଭ କରିଦେଲେଣି । ମାସେ ଦିମାସ ଭିତରେ ସୁଜାତା ନିର୍ବାଚନମଣ୍ଡଳୀ ବି ବୁଲିବା ଆରମ୍ଭ କରିବେ । ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରି ପଞ୍ଚାୟତସ୍ତରୀୟ ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିବେ ବୋଲି ଜାଣିବାକୁ ମିଳିଛି । ସେହିପରି ବିଜେଡ଼ି ବି ପୂର୍ବାପେକ୍ଷା ବେଶ୍ ଆକ୍ରମଣାତ୍ମକ ରଣନୀତି ଆରମ୍ଭ କରିଦେଇଛି । ଦଳର ସୋସିଆଲ ମିଡ଼ିଆ ସହ ତାଳଦେଇ ସାଂଗଠନିକ କାର୍ଯ୍ୟକ୍ରମ ବି ଜୋରଦାର ଆରମ୍ଭ ହୋଇଯାଇଛି । ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ଚୟନ ପ୍ରକ୍ରିୟା ବି ଚାଲିଛି । ସବୁ ନେତାଙ୍କୁ ସାଙ୍ଗରେ ଧରି ନିଷ୍ପତ୍ତି ନେବାକୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବି ସବୁ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏଇ ନିକଟରେ ପ୍ରଫୁଲ୍ଲ ସାମଲ ଶାରୀରିକ ଅସୁସ୍ଥତା କାରଣରୁ ଆଇସିୟୁରେ ଭର୍ତ୍ତି ହୋଇଥିଲେ । ବିଜେଡ଼ି ନେତାଙ୍କ ସହ ସୁଜାତା ବି ମେଡ଼ିକାଲରେ ପହଁଚିଥିଲେ । ବିଜେଡ଼ି ନେତା ଚନ୍ଦ୍ରସାରଥି ବେହେରାଙ୍କ ମାଆଙ୍କ ଦେହ କଥା ବି ପଚାରି ବୁଝିଥିଲେ । ପୁରୀ ହେଉ ଅବା ଅନ୍ୟ କେଉଁଠିକୁ ଗଲେ ସୁଜାତାଙ୍କୁ ବରିଷ୍ଠ, ଯୁବ, ଛାତ୍ରନେତାମାନେ ସ୍ୱାଗତ କରୁଛନ୍ତି । ଅତଏବ ସୁଜାତା ଆସିବା ପରେ ବିଜେଡ଼ି ଶିବିର ଚଳଚଞ୍ଚଳ ହୋଇ ପଡ଼ିଥିବା ଦୃଶ୍ୟମାନ ହେଉଛି ।

# ଜଗା ପ୍ରଧାନଙ୍କ 'ପୁତନା' ଉପଖ୍ୟାନ

ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏବେ ଜୋରସୋର ଚର୍ଚ୍ଚା ଚାଲିଛି । ଯେଉଁଥିରେ ସେ ଲେଖିଛନ୍ତି, ସମୟ ବଡ଼ ବଳବାନ... କୃଷ୍ଣ ଜନ୍ମ ହୋଇସାରିଛନ୍ତି ପୁତନା ବଧ ସୁନିଶ୍ଚିତ ! ଏହାର ମର୍ମ କଣ ନିଜେ ଜଗା ହିଁ ଜାଣିଥିବେ । କିନ୍ତୁ ଭୁବନେଶ୍ୱର ବିଜେପିରେ, ଖାସ କରି ମଧ୍ୟ ଭୁବନେଶ୍ୱରରେ ବିଗତ କିଛି ଦିନ ହେବ ଯେଉଁ ପରିସ୍ଥିତି ଉପୁଜିଛି ତାକୁ ଅନୁଧ୍ୟାନ କଲେ ପୁତନା କିଏ ତାହା ତ ସମସ୍ତେ ଅନୁମାନ କରିପାରୁଛନ୍ତି । ହେଲେ କୃଷ୍ଣ କିଏ, କେବେ ଜନ୍ମ ନେଲେ ଆଉ କେବେ ପୁତନାବଧ ହେବ ତାକୁ ନେଇ ଭିନ୍ନ ଭିନ୍ନ ଯୁକ୍ତି ଚାଲିଛି । ଏ ବାବଦରେ ଜଗାଙ୍କର ଜଣେ ସମର୍ଥକଙ୍କ କହିବା କଥା, ଭାଇଙ୍କୁ କୁଆଡ଼େ ଚକ୍ରାନ୍ତ କରି ଗତ ୨୦୨୪ ନିର୍ବାଚନରେ ହରାଇଦିଆଗଲା । ସେ ସିଧାସଳଖ ନାଁ ନନେଇ ଭୁବନେଶ୍ୱରର ଜଣେ ନେତ୍ରୀଙ୍କୁ ଇଶାରା କରି ଆହୁରି ମଧ୍ୟ କହିଲେ ଯେ, ଏଥିପାଇଁ ସମ୍ପୃକ୍ତ ନେତ୍ରୀ କୁଆଡ଼େ ବିରୋଧୀଦଳ ସହ ହାତ ମିଶାଇଥିଲେ । କେନ୍ଦ୍ରୀୟ ଭୁବନେଶ୍ୱରରେ ଅନ୍ୟ ଦଳରୁ ନେତା ଓ କର୍ମୀଙ୍କୁ ଆଣି ଦଳରେ ମିଶାଯାଉଛି, କିନ୍ତୁ ଜଗାଙ୍କୁ ଡକା ମଧ୍ୟ ଯାଉନି । ଏପରିକି ଭରା ସଭାରେ କୁହାଯାଉଛି ଏହି ନିର୍ବାଚନ ମଣ୍ଡଳୀରେ କୁଆଡ଼େ ବିଜେପିର ସଂଗଠନ ଦୁର୍ବଳ ଅଛି । ତେଣୁ ଜଗନ୍ନାଥଙ୍କ ମନରେ କ୍ଷୋଭ ରହିବା ସ୍ୱାଭାବିକ । କିନ୍ତୁ ଏହି ଶୀତଳଯୁଦ୍ଧଯେ, ଏବେ ସମ୍ମୁଖ ଯୁଦ୍ଧରେ ପରିଣତ



ହେବାକୁ ଯାଉଛି, ତାହା ଜଗାଙ୍କର ଏହି ପୋଷ୍ଟରୁ ସୂଚନା ମିଳୁଛି । ହେଲେ କିଏ ସେହି କୃଷ୍ଣ ଯିଏ ପୁତନାକୁ ମାରିବ? କାରଣ ଆମେ ଜାଣିବାରେ ପ୍ରଭୁ ଶ୍ରୀକୃଷ୍ଣ ଜନ୍ମ ହେବା ପୂର୍ବରୁ ହିଁ ତାଙ୍କର ଶତ୍ରୁ ସୃଷ୍ଟି ହୋଇସାରିଥିଲେ । ମାମୁ କଂସ କୃଷ୍ଣଙ୍କୁ ନିଜର ମୃତ୍ୟୁର କାରଣ ଭାବି ମାତା ଦେବକୀଙ୍କ ଛ ଜଣ ନବଜନ୍ମିତଙ୍କୁ ହତ୍ୟା କରିସାରିଥିଲେ । ତେବେ ଲୀଳାମୟ କୃଷ୍ଣ ପିତା ବାସୁଦେବଙ୍କ ଦ୍ୱାରା ନନ୍ଦରାଜାଙ୍କ ଘରେ ପହଞ୍ଚି ନିଜର ଲୀଳା ଖେଳା ଆରମ୍ଭ କରିଥିଲେ । ଏକଥା ଜାଣିପାରି କଂସ ମହାରାଜ ପୁତନା ନାମକ ରାକ୍ଷସୀକୁ କୃଷ୍ଣଙ୍କୁ ବଧ କରିବାକୁ ପଠାଇଥିଲେ । ଆଉ ପୁତନା ଗୋପପୁରରେ ଜଣେ ମହିଳାଙ୍କ ବେଶ ଧାରଣ କରି ଶିଶୁ ଶ୍ରୀକୃଷ୍ଣଙ୍କୁ କ୍ଷୀରପାନ କରାଇଥିଲେ । ଉଦ୍ଦେଶ୍ୟ ଥିଲା ସେହି କ୍ଷୀରରେ ବିଷ ମିଶାଇ ବାଳକୃଷ୍ଣଙ୍କୁ ହତ୍ୟା କରିବା । କିନ୍ତୁ ଭଗବାନ ସେହି କ୍ଷୀରପାନ କଲାବେଳେ ହିଁ ପୁତନାର ଜୀବନ ନେଇଯାଇଥିଲେ । ତେଣୁ ଜଗନ୍ନାଥ କାହାକୁ କୃଷ୍ଣ କହୁଛନ୍ତି ଓ କୃଷ୍ଣ ପୁତନାକୁ ମାରିବାକୁ କେଉଁ ପଦ୍ଧତି ପ୍ରୟୋଗ କରୁଛନ୍ତି ତହାକୁ ଅପେକ୍ଷା ।

ODIA WEEKLY GARVIT ODIA

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS